ହୁମା ବକ୍ର ମନ୍ଦିର

# ପରିତ୍ୟକ୍ତ ପାର୍କ, ଅଚଳ ଶୌଚାଳୟ






ସମ୍ବଲପୁର, ୬।୨(ସମିସ)

ମହାନଦୀ କୂଳରେ ରହିଛି ହୁମା ବକ୍ର ମନ୍ଦିର। ମନ୍ଦିରରେ ପୂଜା ପାଉଛନ୍ତି ବାବା ବିମଳେଶ୍ୱର ମହାଦେବ। ମନ୍ଦିର ବକ୍ର ହୋଇଥିବା ଓ ମହାନଦୀରେ କୁଡ଼ୋ ମାଛ ଦେଖା ଯାଆନ୍ତି। ଏହା ଏହି ସ୍ଥାନର ବିଶେଷତ୍ୱ ଅଟେ। ତେଣୁ ବର୍ଷ ତମାମ ଏହି ସ୍ଥାନକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମାନଙ୍କ ସୁଅ ଛୁଟିଥାଏ। ରାଜ୍ୟ ସରକାର ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ଅନୁଦାନ ପ୍ରଦାନ କରିଥିବା ବେଳେ ଅନେକ ଉନ୍ନୟନ କାମ ହୋଇଛି। ହେଲେ ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ ଏହି ପ୍ରସିଦ୍ଧ ମନ୍ଦିର ଅନେକ ସମସ୍ୟା ଭିତରେ ବୁଡ଼ି ରହିଛି। ଯାହାକୁ ନେଇ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକଟ କରିଛନ୍ତି। ଏଠାରେ ଥିବା ଶୌଚାଳୟରେ ପାଣି ସୁବିଧା ନଥିବାରୁ ଏହା ବ୍ୟବହାର ହୋଇ ପାରୁନାହିଁ। ଏହା ବ୍ୟତିତ ଏଠାରେ ପର୍ଯ୍ୟଟକ ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ନାହିଁ। ଦୂର ଦୂରାନ୍ତରରୁ ଆସୁଥିବା ପର୍ଯ୍ୟଟକମାନେ ଶୌଚ ପାଇଁ ଅପଦସ୍ତ ହେଉଛନ୍ତି। ଶୌଚାଳୟ ଥିଲେ ମଧ୍ୟ ଏହା ବ୍ୟବହାର ହେଉ ନଥିବାରୁ ଲୋକେ ନଦୀ କଡ଼ରେ ମଳତ୍ୟାଗ କରିବାକୁ ବାଧ୍ୟ ହେଉଛନ୍ତି। ଫଳରେ ପ୍ରଦୂଷଣ ବୃଦ୍ଧି ପାଇ ମନ୍ଦିର ନିକଟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି।

ସେହିପରି ଏହି କିଛି ବର୍ଷ ତଳେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ଉଦ୍‌ଘାଟନ ପରେ ଗୋଟିଏ ବର୍ଷ ଜନସାଧାରଣଙ୍କ ପାଇଁ ଏହି ଉଦ୍ୟାନ ଖୋଲା ରହିବା ପରେ ଏବେ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଗେଟରେ ତାଲା ଝୁଲୁଥିବା ବେଳେ ଉଦ୍ୟାନଟି ଅନାବନା ଗଛଲତାରେ ଭରିଯାଇଛି। ଶିଶୁଙ୍କ ମନୋରଞ୍ଜନ ପାଇଁ ଥିବା ସାମଗ୍ରୀ ଗୁଡ଼ିକର ଅବସ୍ଥା ମଧ୍ୟ ଖରାପ ହୋଇଯାଇଛି। ସରକାର ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ତାହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ବିଭାଗ ତାର ଦାୟିତ୍ୱ ଠିକ ଭାବରେ ନିର୍ବାହ କରୁନଥିବା ଅଭିଯୋଗ ହେଉଛି। ପାର୍କରେ ଲଗାଯାଇ ଥିବା ସୁନ୍ଦର ଗଛ ଏବେ ଶୁଖିଲା ହୋଇ ମରିବାକୁ ବସିଲାଣି। ପଞ୍ଚାୟତକୁ ପରିଚାଳନା ଦାୟିତ୍ୱ ଦିଆଯାଇଥିବା ବେଳେ ଡଙ୍ଗା ଘାଟ ଦୋକାନ ଗୃହ ନିଲାମ ମଧ୍ୟ କରାଯାଉଛି। ହେଲେ ପାର୍କ ପାଇଁ ଦୃଷ୍ଟି ଦିଆଯାଉ ନାହିଁ। ଶୀଘ୍ର ଏହାର ସମାଧାନ କରା ଯିବାକୁ ସୁବିଧା କରାଯିବାକୁ ସାଧାରଣରେ ଦାବି ହେଉଛି। ରାଜ୍ୟ ସରକାର ମନ୍ଦିର ପାରିପାର୍ଶ୍ୱିକ ବିକାଶ ପାଇଁ ୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏହି ମନ୍ଦିରକୁ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୮କୋଟି ଆସିଥିବା ହେବେ ପରବର୍ତ୍ତି ସମୟରେ ସମ୍ପୂର୍ଣ୍ଣ ବିକାଶ କରାଯିବାକୁ ଏକ ବିଶେଷଜ୍ଞ ଦଳ ମନ୍ଦିର ପରିଦର୍ଶନ ମଧ୍ୟ କରି ସାରିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଲୋକେ କୃତଜ୍ଞତା ଜଣାଇଛନ୍ତି। ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକରେ ଥିବା ଏହି ମନ୍ଦିର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ମହାନଦୀରେ ନୌକାବିହାର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବାକୁ ବହୁ ଲୋକ ଏଠାକୁ ଆସିଥାନ୍ତି। ମହାନଦୀର ଜଳରାଶି, ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ।

# ଟୋଲ୍‌ଗେଟ୍‌ରେ ସ୍ଥାନୀୟ ଗାଡ଼ିକୁ ସମ୍ପୂର୍ଣ୍ଣ ଦେୟମୁକ୍ତ କରିବା ପାଇଁ ଦାବି

**ରେଢ଼ାଖୋଲ, ୬।୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥର କଦଳୀଗଡ଼ ନିକଟରେ ନୂତନ ଭାବରେ ଆରମ୍ଭ ହୋଇ ଉଦ୍‌ଘାଟିତ ହୋଇଥିବା ଟୋଲ୍‌ଗେଟ୍ ରୁ ଟୋଲ୍ ଆଦାୟ କୁ ବିରୋଧ କରି ଗତକାଲି ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଏଥିରେ ଟୋଲ୍ ଗେଟ୍ ସାମ୍ନାରେ ନାଗରିକ କମିଟି ସଭାପତି ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ କୁମାର ପ୍ରଧାନ ସମେତ ବହୁ ସ୍ଥାନୀୟ ଲୋକ ମାନେ ଧାରଣା ଦେଇଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଥିଲା। କୌଣସି ସୂଚନା ନ ଦେଇ ହଠାତ୍ ଆଜି ଟୋଲ୍‌ଗେଟ୍ ରୁ ଶୁଳ୍କ ଆଦାୟ କରିବା ଏବଂ ସ୍ଥାନୀୟ ରେଢ଼ାଖୋଲ ଉପଖଣ୍ଡର ସମସ୍ତ ଗାଡ଼ି କୁ ଦେୟମୁକ୍ତ କରିବା ଦାବି ନେଇ ରାସ୍ତାକୁ ଓହ୍ଲାଇଥିଲା ରେଢ଼ାଖୋଲ ନାଗରିକ କମିଟି। ଉତ୍ୟକ୍ତ ଲୋକେ ଟୋଲ୍ ଗେଟ୍ ବନ୍ଦ କରିବା ସହ ଟୋଲ୍‌ଗେଟ୍ ର ନିୟୋଜିତ କର୍ମଚାରୀ ଙ୍କୁ ଗେଟ୍ ରୁ ବାହାର କରି ଦେଇଥିଲେ। ଏହାର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ନାଗରିକ କମିଟି ଚେତାବନୀ ଦେଇଛି। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ମଙ୍ଗଳବାର ଦିନ ଏକ ସାଧାରଣ ବୈଠକ ଡାକି ଏନେଇ ଆଲୋଚନା କରିଥିଲେ। ଏଥିରେ ଏନଏଚଆଇ ପିଡି, ଏସଡିପିଓ ପ୍ରଶାନ୍ତ କୁମାର ମେହେର, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହିଥିଲେ। ଏଥିରେ ଦାବି କରାଯାଇଛି ଯେ ଟୋଲଗେଟ୍ ଠାରେ ରେଢ଼ାଖୋଲ ଅଞ୍ଚଳର ୨୦ କିଲୋମିଟର ପର୍ଯ୍ୟନ୍ତ ସ୍ଥାନୀୟ ଗାଡି ଗୁଡ଼ିକୁ ସମ୍ପୂର୍ଣ୍ଣ ଦେୟ ମୁକ୍ତ କରାଯାଉ। ନଚେତ୍ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।



# ଟୋଲ୍‌ଗେଟ୍ କର୍ମଚାରୀଙ୍କୁ ଗୋଡେଇ ପିଟିଲେ ମହିଳା

**ସମ୍ବଲପୁର, ୬।୨(ସମିସ):** ପଡ଼ିଆବାହାଲ ଟୋଲପ୍ଲାଜା ନିକଟରେ ଗତକାଲି ଟୋଲ ଟିକସ ଆଦାୟକୁ ନେଇ ମହିଳାଙ୍କ ଦାଦାଗିରି ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି। ଟୋଲରେ କାମ କରୁଥିବା କର୍ମଚାରୀଙ୍କୁ ଗୋଡାଇ ଗୋଡାଇ ମାଡ଼ ମାରିଛନ୍ତି। ସୂଚନାଯୋଗ୍ୟ, ଗତକାଲି ସେହି ଟୋଲ ଦେଇ ମହିଳାଙ୍କ ଗାଡିଟି ଯାଇଥିଲା। ମହିଳାଙ୍କ ସହ ଟୋଲ କର୍ମଚାରୀଙ୍କ ଝଗଡ଼ା ହୋଇଥିଲା। ସେ ଉତ୍ୟକ୍ତ ହୋଇ ଟୋଲ କର୍ମଚାରୀଙ୍କୁ ବାଡେଇ ଥିଲେ। ପାଖରେ ଥିବା ଯୁବକ ଜଣକ ଯେତେ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ମହିଳା ବାଡେଇଥିଲେ। ଏ ନେଇ ସଦର ଥାନରେ କୌଣସି ମାମଲା ରୁଜୁ ହୋଇନଥିବା ସଦର ଥାନା ଆଇଆଇସି କହିଛନ୍ତି।



ସମ୍ବଲପୁର କେନ୍ଦୁପତ୍ର ଡିଭିଜନରେ ସମୀକ୍ଷା ବୈଠକ

# ମୃତ୍ୟୁକାଳୀନ ସହାୟତା ୮୪ ଲକ୍ଷ ଟଙ୍କା ପ୍ରଦାନ

**ସମ୍ବଲପୁର, ୬।୨(ସମିସ):** ସମ୍ବଲପୁର କେନ୍ଦୁପତ୍ର ଡିଭିଜନରେ ୱେଲଫ୍ୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସାମାଜିକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି କ୍ରମରେ ପୂର୍ବ ବର୍ଷ ୨୯୦୨୩ ତୋଳାଳି ଥିବା ବେଳେ ଚଳିତ ବର୍ଷ ଏହା ୩୨୦୩୨କୁ ବୃଦ୍ଧି ହୋଇଛି। ମୃତ୍ୟୁ କାଳୀନ ସହାୟତା ବାବଦରେ ତୋଳାଳି ଓ କର୍ମଚାରୀଙ୍କୁ ୮୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୭୬ ଲକ୍ଷ ଟଙ୍କା ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି। ୫, ୦୦୭, ୪୫, ୫୩୮ ଟଙ୍କା ତୋଳାଳିମାନଙ୍କୁ ବୋନସ ପ୍ରଦାନ କରାଯାଇଛି। ଚପଲ ବାବଦରେ ୪୬, ୪୩, ୬୮୦ ଟଙ୍କା ପ୍ରଦାନ କରାଯାଇଛି। ପାଣି ବୋତଲ ବାବଦରେ ୫୮, ୦୪, ୬୦୦ ଟଙ୍କା ପ୍ରଦାନ କରାଯାଇଛି। ପ୍ରୋତ୍ସାହନ ବାବଦରେ ସିଜିନାଲ କର୍ମଚାରୀଙ୍କୁ ୨୩, ୬୮, ୭୭୪ ଟଙ୍କା ଓ ବନ୍ଧେଇ ଶ୍ରମିକମାନଙ୍କୁ ୨୭, ୦୩, ୩୬୫ ଟଙ୍କା ପ୍ରଦାନ କରାଯାଇଛି। ୩୨୬୫୦ ଜଣ ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ବାଦ୍ ପଡ଼ିଥିବା ୩୪୨ ଜଣ ନବୀନ କାର୍ଡ ପାଇଁ ଆବେଦନ କରାଯାଇଛି। ଇତି ମଧ୍ୟରେ ୨୫୬୨ ଜଣ କେନ୍ଦୁପତ୍ର ପରିବାରର ଛାତ୍ର ଛାତ୍ରୀଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଛି। ସମୀକ୍ଷା ବୈଠକରେ ଶ୍ରୀ ମହାନ୍ତିଙ୍କ ସହ ଡିଏଫ୍‌ଓ ନିବେଦିତା ଦାସ ଏବଂ ସମସ୍ତ ରେଞ୍ଜ ଅଫିସର, ସିଜିନାଲ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।



# ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଭାଷା ସାହିତ୍ୟ ପ୍ରତିଯୋଗିତା

**ନାକଟିଦେଉଳ, ୬।୨(ସମିସ):** ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଭାଷା ସାହିତ୍ୟ ପ୍ରତିଯୋଗିତା ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ.ମନୋରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରିଆମାଳ କଲେଜର ଅବସରପ୍ରାପ୍ତ ଅଧ୍ୟପକ ଗୋଲବଦନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମାଧପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟନ୍ତ ମାହାର ମୁଖ୍ୟବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ଓ ବାଟଗାଁ କଲେଜର ଅଧ୍ୟାପକ ପ୍ରଫୁଲ୍ଲ ପ୍ରଧାନ, ଅବସରପ୍ରାପ୍ତ ଯବାନ ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଶାର ଭାଷା ସାହିତ୍ୟ ଏବଂ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଏଥିସହ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଜଗନ୍ନାଥ ସଂସ୍କୃତି ତଥା ଜଗନ୍ନାଥଙ୍କ ଭଜନ, ଖାଦ୍ୟ, ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଆଲୋଚନାଚକ୍ରକୁ ଅଧ୍ୟାପକ ଡ଼.ପ୍ରଶାନ୍ତ କୁମାର ଦାଶ୍ ସଂଯୋଜନା କରିଥିଲେ। ଅଧ୍ୟାପକ ସରୋଜ କୁମାର ଭୁଏ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

■ ଛାତ୍ରୀଙ୍କୁ ଅସଦାଚରଣ, ନିର୍ଯାତନା ମାମଲା

# ଜେଲ୍ ଗଲେ ଅଧ୍ୟାପକ

**ନାକଟିଦେଉଳ, ୬।୨(ସମିସ):** କଥାରେ ଅଛି ଦୁନିଆରେ ଗୁରୁ ଶିଷ୍ୟଙ୍କ ସମ୍ପର୍କ ସବୁଠାରୁ ଅନନ୍ୟ। ହେଲେ ଆଜି ସେହି ସମ୍ପର୍କରେ କଳଙ୍କର ଛିଟା ଲାଗିଛି। ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରବା ସହ ଯୌନ ନିର୍ଯ୍ୟାତନା ଅଭିଯୋଗରେ କଲେଜ୍‌ର ଜଣେ ଅଧ୍ୟାପକଙ୍କୁ ଜେଲ ଯିବାକୁ ପଡ଼ିଛି। ତେବେ ଏହି ଘଟଣାଟି ନାକଟିଦେଉଳ ଅଞ୍ଚଳରେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ। ଏହି ଘଟଣାରେ ବିଦ୍ୟାଳୟର ଅଧ୍ୟାପକ ସଞ୍ଜୀବ୍ କୁମାର ଦାଶ(୫୦)ଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁସାରେ, ଅଧ୍ୟାପକ ବାରମ୍ବାର ଛାତ୍ରୀଙ୍କୁ ଅସଦାସରଣ ସହ ମାନସିକ ଓ ଶାରୀରିକ ନିର୍ଯାତନ ଦେଇ ଆସୁଥିଲେ। ଗତକାଲି ନାକଟିଦେଉଳ ଥାନରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ରେଢାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ଘଟଣାର ତଦନ୍ତ କରିଛନ୍ତି। କେସନଂ ୨୨/୨୪ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଚପାଇ ଦେବାକୁ ଉଦ୍ୟମ କରିଥିବାରୁ ଘଟଣାରେ ସେମାନଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ତେବେ ପୂର୍ବରୁ ମଧ୍ୟ ଏହିପରି ଅନେକ ଘଟଣା ଚପାଇ ଦିଆଯାଇଥିବା ଅଭିଯୋଗ ହୋଇଛି।



# ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରଚେଷ୍ଟାରେ ବୃଦ୍ଧାଙ୍କୁ ହ୍ୱିଲ ଚେୟାର ପ୍ରଦାନ



**ରେଙ୍ଗାଲି, ୬।୨(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଚୋଳଶ୍ରୀ ମହାନନ୍ଦଙ୍କ ପ୍ରଚେଷ୍ଟାରେ ଖିଣ୍ଡା ଗ୍ରାମପଞ୍ଚାୟତ, ଭୂୟାଁପଡ଼ାର ଜଣେ ଅସହାୟ ବୃଦ୍ଧା ଶ୍ରିତୁଳା ରାୟଙ୍କୁ ହ୍ୱିଲ୍ ଚେୟାର ପ୍ରଧାନ କରାଯାଇଛି। ରେଙ୍ଗାଲି ବ୍ଲକ ଉନ୍ନୟନ ଅଧିକାରୀ କୃଷ୍ଣ ଚନ୍ଦ୍ର ଦଳପତି ସହଯୋଗ କରିଥିଲେ। ଏହି ଅବସରରେ ବିଜୁ ମହିଳା ଜନତା ଦଳର ବ୍ଲକ ସାଧାରଣ ସମ୍ପାଦିକା ମିତା ମେହେର, ଅମର ମହାନନ୍ଦ, ସମୀର ମେହେର ଉପସ୍ଥିତ ଥିଲେ।

# ଆମ୍ବେଦକର ସେବା ସମିତିର ବାର୍ଷିକ ଉତ୍ସବ

**ଯୁଯୁମୁରା, ୬।୨(ସମିସ):** ବାହାମ ପଞ୍ଚାୟତରେ ଥିବା ବି ଆର ଆମ୍ବେଦକର ସେବା ସମିତିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଆୟୋଜିତ ଉତ୍ସବରେ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର ମୁଖ୍ୟଅତିଥି, ଗୋପାଳ ବାଗ୍ ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଗିରିଧାରୀ ଖୋରା ଓ ପ୍ରିତି ପ୍ରଧାନ ଯୋଗ ଦେଇଥିଲେ। ସଭାରେ ସମିତି ସଭାପତି ଜୟକୃଷ୍ଣ ବାଗ ଅଧ୍ୟକ୍ଷତା କରିଥିବା ବେଳେ ଆବାହକ ସୁବାସ ବେଶନ ସମିତିର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇ ଚଳିତ ବର୍ଷ ପଞ୍ଚାୟତକୁ ମଦମୁକ୍ତିରେ ପରିଣତ କରିବା ସହିତ ପ୍ରାଥମିକ ଶିକ୍ଷାଠୁ ଉଚ୍ଚ ମାଧ୍ୟମିକ ଶିକ୍ଷା ଉପରେ ସମିତି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆୟୋଜିତ ସଭାରେ ଦେବାନନ୍ଦ ଭୋସାଗର, ଅକ୍ଷୟ ରଣବିଡା, ଝସ ବେସନ, ନକୂଳ ଲୁହା, ଗଣେଷ ବେସନ, ମୁନା କୁମ୍ଭାର ଓ ସଞ୍ଜୟ କୁମ୍ଭାର ଉପସ୍ଥିତ ରହି ସହଯୋଗ କରିଥିଲେ।

# କୁଲତା ମହାସଭାର ସ୍ମୃତିସ୍ତମ୍ଭ ଲୋକାର୍ପିତ

**ମାନେଶ୍ୱର, ୬।୨(ସମିସ):** ପଶ୍ଚିମ ଓଡ଼ିଶା ତଥା ଛତିଶଗଡ଼ରେ ବହୁଳ ଭାବରେ ବାସବାସ କରୁଥିବା କୁଲତା ଜାତିର ବିଗତ ଶହେ ବର୍ଷର ମହାସଭା ଇତିହାସକୁ ମନେ ପକାଇବା ନେଇ ଏକ ସ୍ମୃତି ସ୍ତମ୍ଭ ରବିବାର ଲୋକାର୍ପିତ ହୋଇଯାଇଛି।



ଏହି ସ୍ମୃତି ସ୍ତମ୍ଭରେ ୧୯୨୧ ମସିହାର ପ୍ରଥମ ମହାସଭା ଯାହା ସ୍ୱର୍ଗତ ଜମିଦାର ରାୟ ବାହାଦୁର ବିଜେପୁର ଜମିଦାରଙ୍କର ସଭାପତିତ୍ୟରେ ଆୟୋଜିତ ହୋଇଥିଲା। ସେ ସମୟରୁ ୨୪ ତମ ଜାତି ମହାସଭା ସଭାପତିଙ୍କର ନାମ ସହ ନୂତନ ଭାବରେ ମାନ୍ୟତା ପାଇ ଥିବା ଠେମରା ଏବଂ ଅଡାପରା ସଭାପତିଙ୍କ ନାମ ଉଲ୍ଲେଖ ରହିଛି। ଏହି ସ୍ମୃତି ସ୍ତମ୍ଭକୁ ୨୪ତମ କୁଲତା ଜାତି ମହାସଭାର ସଭାପତି ସନ୍ତୋଷ ବଢେଇ ଏବଂ ବିଜେପୁର ଜମିଦାରଙ୍କ ବଂଶଜ ସନତ କୁମାର ଗଡ଼ତିଆ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବରେ ସ୍ୱର୍ଗତ ମହେନ୍ଦ୍ର ବଢେଇଙ୍କ ଧର୍ମ ପତ୍ନୀ ମଞ୍ଜୁଶ୍ରୀ ବଢେଇ ତଥା ପୀଠ ସଭାପତିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜା ପରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ବିଜେପୁର ଜମିଦାର ବଂଶଜ ସନତ କୁମାର ଗଡ଼ତିଆ, ମୁରା ପୀଠ ସଭାପତି ରତନ ସାହୁ, ଲପାଙ୍ଗା ପୀଠ ପିଠାଧିଶ ପ୍ରଦୀପ ସାହୁ, ଲପଙ୍ଗା ପୀଠ ସଭାପତି ଲଳିତ ସାହୁ, ଠେମରା ପୀଠ ସଭାପତି ମଣିକର ସାହୁ ଅଡାପରା ପୀଠ ସଭାପତି ରଘୁମଣୀ ସାହୁ, ମହାସଭା ସମ୍ପାଦକ ମହାଦେବ ପ୍ରଧାନ ରାଜ୍ୟ ପାଣ୍ୟାଗାର ଚେୟାରମ୍ୟାନ ସମାଜ ସେବୀ ମଞ୍ଜୁଶ୍ରୀ ବଢ଼ାଇ, ରବୀନ୍ଦ୍ର ପ୍ରଧାନ ଆଦି ମଞ୍ଚାସୀନ ଥିଲେ। ସୃତି ସ୍ତମ୍ଭ ପ୍ରତିଷ୍ଠା କର୍ତ୍ତା ଶ୍ୟାମ ସୁନ୍ଦର ପ୍ରଧାନ ଓ ସପତ୍ନୀ ଅହଲ୍ୟା ପଧାନ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବରେ ଲିଲାମ୍ବର ପଧାନ, ବିଶ୍ୱମ୍ବର ପଧାନ ଓ ବିଶ୍ୱଜିତ ସାହୁ ସହଯୋଗ କରିଥିଲେ। ବିଗତ ଶହେ ବର୍ଷ ମଧ୍ୟରେ ଆୟୋଜିତ ହୋଇଥିବା ମହାସଭାର ବଂଶଜମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବକୁ ତବଲା ସାତପାଲି ସଭାପତି, ସମ୍ପାଦକ ଶିବ ପ୍ରସାଦ ସାହୁ, ଭବାନୀଶଙ୍କର ସାହୁ, କିଶୋର ପଧାନ, କୁବେର ପଧାନ, ସୁଶିଲ ପଧାନ, ସତ୍ୟ ନାରାୟଣ ପଧାନ ସମେତ ସମସ୍ତ ଗମ୍ଭାରୀପଙ୍କ ଗ୍ରାମବାସୀ ସହଯୋଗ କରିଥିଲେ।

# ରାସେଶ୍ୱରୀ ପାଣିଗ୍ରାହୀଙ୍କ ନୂଆଁବର୍ଷ ଭେଟ୍ ଘାଟ୍

ସମ୍ବଲପୁର, ୬।୨(ସମିସ)

ପୂର୍ବତନ ବିଧାୟିକା ଡ. ରାସେଶ୍ୱରୀ ପାଣିଗ୍ରାହୀଙ୍କ ପକ୍ଷରୁ ଆଜି ସ୍ଥାନୀୟ ଟାଉନ୍ ହଲ ପଡ଼ିଆ ଠାରେ ନୂଆଁ ବର୍ଷ ଭେଟ୍ ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଇଂ. ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ପର୍ଯ୍ୟବେକ୍ଷକ ପ୍ରକାଶ ମହାନ୍ତି, ବିଜେଡି ପ୍ରବକ୍ତା ସଞ୍ଜୟ ବାବୁ, କେନ୍ଦୁ ପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ଶାହା, ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମଞ୍ଚାସୀନ ଥିଲେ। ସମସ୍ତଙ୍କ ସହିତ ମିଳିମିଶି କାର୍ଯ୍ୟ କରିବା ଆଜିକାର ଏହି ନୂଆଁ ବର୍ଷ ଭେଟ୍ ଘାଟ୍ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପୂର୍ବତନ ବିଧାୟିକା ଡ. ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାନଗର ନିଗମ ବିଜେଡି ସଭାପତି ସତୀଶ ବିଶି, ଜିଲ୍ଲା ଉପ ସଭାପତି ସୁମନ୍ତ୍ର ପଣ୍ଡା, ଦେବାଶିଷ ନନ୍ଦ, ଅଶୋକ ମହାକୁଡ଼, ବସନ୍ତ ମିଶ୍ର, ଏମ୍.ବି. ସତ୍ୟନ୍, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଏମ୍.ଡି. ସନାଉଲ୍ଲା, ଜିଲ୍ଲା ପରିଷଦ ସଦସ୍ୟ ଦେବ ନାରାୟଣ ତିୱାରୀ, ସୁଦର୍ଶନ ହରିପାଳ, ଭବାନୀ ବାବୁ, ତପନ ଗୁରୁ, ସୁରୁ ବାବୁ ମେହେର, ଭୋଲା ମହନ୍ତମ, ନିଶାନ୍ତ ବହିଦାର, ଅମିତାଭ ପରିଡ଼ା, କୁନୁ ମେହେର, ସୁନିଲ ମେହେର, ଜଗନ୍ନାଥ ଚୌଧୁରୀ, ମିର୍ଜା ଗୁଲାମ, ସୁରେନ୍ଦ୍ର ବିଶ୍ୱାଳ, ବୀରେନ୍ଦ୍ର ମହାନନ୍ଦ, ବିଭୀସେନ ବେସର, ଜିନୁ ରାଉତରାୟ, ପ୍ରଦ୍ୟୋଷ ମହାନ୍ତି, ପ୍ରଶାନ୍ତ ନାୟକ, ସୁଧାଂଶୁ ବସ୍ତିଆ, ଅଶ୍ୱିନୀ ପାଢ଼ୀ, ଦିପେନ୍ଦ୍ର ପଟେଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଅତିଥିଗଣ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ସମ୍ବଲପୁର ବିଧାନସଭା କ୍ଷେତ୍ରର ସମସ୍ତ ୱାର୍ଡରୁ ପ୍ରାୟ ୨ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ସାମିଲ ହୋଇଥିଲେ। 'ଲହରୀ' ଅନୁଷ୍ଠାନର ପଦ୍ମିନୀ ଦୋରା ଏବଂ ଡ. ମୋହିତ ସ୍ୱାଇଁଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।






# କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାଷା ସଂସ୍କୃତି ପ୍ରତିଯୋଗିତା

**ବରଗଡ଼, ୬।୨(ସମିସ):** ବରଗଡ଼ ସଦର ବ୍ଲକ କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଅନ୍ତର୍ଗତ ଓଡିଆ ଭାଷା ଓ ସଂସ୍କୃତି ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଅଧ୍ୟକ୍ଷ ଶଶିଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଡ. ଅଶୋକ ମହାପାତ୍ର ଓ ସମ୍ମାନିତ ଅତିଥି ଡ. ଭଗବତୀ କର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଡ.ମହାପାତ୍ର ଓଡିଆ ଭାଷା ଉପରେ ଗୁରୁତ୍ୱାରୋପ କରିବା ସହ ପ୍ରତିବର୍ଷ ଜିଲ୍ଲାରେ ଓଡିଆ ଭାଷା ଓ ସାହିତ୍ୟ ସମ୍ମିଳନୀ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଇତିହାସ ବିଭାଗ ପ୍ରାଧ୍ୟାପିକା ରୀନା ଚକ୍ରବର୍ତ୍ତୀ ସଭା ପରିଚାଳନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାଧ୍ୟାପକ ଅଶୋକ ମେହେର, ଅଧ୍ୟାପିକା ବର୍ଷା ସାହୁ, ଅଧ୍ୟାପକ କିରଣ ସାହୁ, କିଶୋର କୁମ୍ଭାର, ରାଜୀବ ସାହୁ, ମନୋଜ ମିଶ୍ର, ସାଜନ ଭୋଇ, ସଚିଦାନ୍ଦ ମହାଣା, ସୁମନ୍ତ ସାହୁ, ଅମିତ ପାଣ୍ଡେ ଓ ଅନନ୍ତ ସାହୁ ସହଯୋଗ କରିଥିଲେ ।



ଭେଡେନ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା

# ପଞ୍ଚମ ସନ୍ଧ୍ୟାରେ ସୀତା ଚୋରି, ରାମ-ହନୁମାନ ମିଳନ, ବାଳୀ ବଧ ମଞ୍ଚସ୍ଥ

ଭେଡେନ, ୬।୨(ସମିସ)

ଭେଡେନ ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବ ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ ଓ ସୀତା ପଞ୍ଚବଟିରେ ପ୍ରବେଶ କରିଛନ୍ତି । ପଞ୍ଚବଟି ବଣରେ ରାମଚନ୍ଦ୍ରଙ୍କ ରୂପରେ ବିମୋହିତ ହୋଇ ରାବଣର ଭଗ୍ନି ସୂପଣଖା ରାମଚନ୍ଦ୍ରଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଛି ହେଲେ ରାମଚନ୍ଦ୍ର ବିବାହିତ କହି ସୂପଣେଖାକୁ ଭ୍ରାତା ଲକ୍ଷ୍ମଣ ପାଖକୁ ପଠାଇଛନ୍ତି । ଲକ୍ଷ୍ମଣ ତାର ପ୍ରସ୍ତାବରେ ରାଜି ହେଲେ ନାହିଁ । ସୂପଣଖା ଲକ୍ଷ୍ମଣଙ୍କୁ ଆକ୍ରମଣ କରିଛି ଫଳରେ ଲକ୍ଷ୍ମଣ ତା'ର ନସା ଓ କର୍ଣ୍ଣ ଛେଦନ କରିଛନ୍ତି ।

ପଞ୍ଚବଟିରେ ଖର, ଧୂଷଣ ଓ ତ୍ରିସରା ରକ୍ଷସର ମୃତ୍ୟୁ ପରେ ସୂପଣଖା ନିଜ ବିକୃତ ମୁଖ ମଣ୍ଡଳ ଧରି ଲଙ୍କା ରାଜପ୍ରାସାଦକୁ ଯାଇ ଭ୍ରାତା ରାବଣଙ୍କୁ ସମସ୍ତ ବିଷୟରେ ବର୍ଣ୍ଣନା କରିଛନ୍ତି । ରାବଣ କ୍ରୋଧରେ ଜର୍ଜରିତ ହୋଇ ନିଜ ଭଣଜା ମାରିଚକୁ ପଞ୍ଚବଟିକୁ ପଠାଇଛନ୍ତି । ପଞ୍ଚବଟୀରେ ମାରିଚର ମାୟାରୂପରେ ସୁନାହରିଣର ରୂପ ଦେଖି ତାକୁ ଧରିବା ପାଇଁ ରାମଚନ୍ଦ୍ର ବାହାରିଛନ୍ତି । ରାମଚନ୍ଦ୍ରଙ୍କ ଶରାଘାତରେ ମାରିଚ ନିହତ ହୋଇଛି ହେଲେ ମରିବା ପୂର୍ବରୁ ଲକ୍ଷ୍ମଣଙ୍କୁ ଡାକିବାରୁ ସୀତା ଲକ୍ଷ୍ମଣଙ୍କୁ ପଠାଇଥିଲେ । ଏହି ସମୟରେ ଛଦ୍ମ ବେଶରେ ରାବଣ ଆସି ସୀତାଙ୍କୁ ଚୋରି କରି ନେଇଛି । ବାଟରେ ଜଟାୟୁ ରାବଣ ମଧ୍ୟରେ ଯୁଦ୍ଧ ହୋଇଛି । ପରେ କୁଟୀରରେ ସୀତାଙ୍କୁ ନ ପାଇ ଖୋଜିବାକୁ ଗଲାବେଳେ ଆହତ ହୋଇଥିବା ଜଟାୟୁଠାରୁ ସବୁକଥା ରାମ-ଲକ୍ଷ୍ମଣ ଶୁଣିଥିଲେ । ଏହାମଧ୍ୟରେ ରାମଚନ୍ଦ୍ର ଶବରୀ ଅଇଁଠା କୋଳି ଖାଇବା ଦୃଶ୍ୟ ଅଭିନୀତ ହୋଇଛି । ସୀତାଙ୍କୁ ଖୋଜି ରାମ ଲକ୍ଷ୍ମଣ କିଷ୍କିନ୍ଧାରେ ପହଞ୍ଚିଛନ୍ତି । ରାମ-ହନୁମାନଙ୍କ ମିଳନ ହୋଇଛି । ରାମଚନ୍ଦ୍ର ସୁଗ୍ରୀବଙ୍କ ମଧ୍ୟରେ ମିତ୍ରତା ହୋଇଛି ସୁଗ୍ରୀବଙ୍କଠାରୁ ସମସ୍ତ ବିଷୟରେ ଅବଗତ ହେଲାପରେ ରାମଚନ୍ଦ୍ର ବାଲୀ ବଧ ପାଇଁ ନିଷ୍ପତ୍ତି ନେଇଛନ୍ତି । ବାଲୀ-ସୁଗ୍ରୀବଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୁଦ୍ଧରେ ରାମଚନ୍ଦ୍ର ଲୁଚିକରି ବାଲୀ ବଧ କରିଛନ୍ତି । ସୁଗ୍ରୀବ କିଷ୍କିନ୍ଧାର ରାଜା ହେବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ଭେଡେନ ଥାନା ସମ୍ମୁଖରେ ଥିବା ରାବଣ ଦରବାରରେ ଦଶାନନ ରାବଣ ଦିଗବିଜୟ ପାଇଁ ବାହାରିଛନ୍ତି ।

ଅନ୍ୟପକ୍ଷରେ, ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ମହନ୍ତ ବାବା ଭଗବାନ ଦାଶଙ୍କ ତତ୍ୱାବଧାନରେ ଜାରି ରହିଛି । ଏଥିରେ ୨୦ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ଶ୍ରୀହରି ନାମଜପ କରିଛନ୍ତି । ମନ୍ଦିର ପ୍ରାଙ୍ଗଣ ଏକ ଆଧାତ୍ମିକ ଚେତନାର ତୀର୍ଥସ୍ଥଳୀରେ ପରିଣତ ହେବା ସହ ଶତାଧିକ ଭକ୍ତଙ୍କ ସମାଗମ ହୋଇଛି । ଅନ୍ନପ୍ରସାଦର ଆୟୋଜନରେ ଭେଡେନ ବ୍ଲକ ମହିଳା ବିଜୁ ଜନତା ଦଳର ସଦସ୍ୟମାନେ ସହଯୋଗ କରିଥିଲେ । ରାବଣ ଦରବାରରେ ରାଜଅତିଥି ଭାବରେ ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୂଷଣ ଯୋଗଦାନ କରିଥିଲେ ।





# ବିକାଶ ଲ' ସ୍କୁଲରେ ସୁରକ୍ଷିତ ଇଣ୍ଟର୍‌ନେଟ ଦିବସ

**ବରଗଡ଼.୬।୨(ସମିସ):** ବିକାଶ ଲ' ସ୍କୁଲରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ ହୋଇଯାଇଛି । ଲ ସ୍କୁଲ ଓ ବରଗଡ଼ ପୁଲିସ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲ' ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଏସପି ନିବେଦିତା ସୋରେନ୍ ଓ ଏସଆଇ ମଙ୍ଗଳ କିସ୍କୋ ଇଣ୍ଟରନେଟର ସଦ୍‌ଉପଯୋଗ ଏବଂ ବର୍ତ୍ତମାନ ସମାଜରେ ହେଉଥିବା ବିଭିନ୍ନ ପ୍ରକାରର ସାଇବର କ୍ରାଇମରୁ ନିଜକୁ ସୁରକ୍ଷିତ ରଖିବାର ମାଧ୍ୟମ ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଏକ ମିନି ପ୍ଲେ ଏକ୍ଟ ମାଧ୍ୟମରେ ଏକ ବାର୍ତା ଦିଆଯାଇଥିଲା । ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ । ସଂଯୋଜକ ଅଧ୍ୟାପକ ଶିବାନନ୍ଦ ସାହୁ, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ନିହାର ରଞ୍ଜନ ବିଶ୍ୱାଳ, ଅଧ୍ୟାପିକା ରୋଜି ମେହେର, ସୁଶୋଭିତା ଦାସ, ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧ୍ୟାପକ ଜୈମିନି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ବରପାଲିରେ ଆବାସ ଯୋଜନା ଜନଶୁଣାଣି



**ବରପାଲି, ୬।୨ (ସମିସ):** ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ ବେହେରାପଡାରେ ପ୍ରଧାନମନ୍ତ୍ରୀ ଆବସ ଯୋଜନା ହିତାଧିକାରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ପରିଷଦ ଅଧ୍ୟକ୍ଷ ଦିନେଶ ଗହିର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ କାଉନସିଲର ମିଳି ନାଗ ଯୋଗ ଦେଇଥିଲେ । ପରିଷଦ କାର୍ଯ୍ୟନିର୍ବାହୀ ତଥା ନୋଡାଲ ଅଧିକାରୀ ଭୁବନ ଶତପଥି କର୍ମଶାଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ହିତାଧିକାରୀଙ୍କୁ ବୁଝାଇଥିଲେ । ଲାଇଫ ଏକାଡେମୀ ଅଫ ଭୋକେଶନାଲ ଷ୍ଟଡିଜର କର୍ମକର୍ତ୍ତା ରମେଶଚନ୍ଦ୍ର ବଳ ଓ ସାମାଜିକ ସମୀକ୍ଷକ ସମୀର ମହାନ୍ତି ବିଭିନ୍ନ ପ୍ରକ୍ରିୟା ସମ୍ବନ୍ଧରେ ଜଣାଇଥିଲେ । ସାମାଜିକ ସମୀକ୍ଷା କର୍ମଶାଳାରେ ପହଞ୍ଚିଥିବା ଅଭିଯୋଗର ସ୍ଥାୟୀ ସମାଧାନ ଦିଗରେ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ପରିଷଦ ଅଧ୍ୟକ୍ଷ ଓ ସିଏଲଟିସି ବିଶାରଦ ଜନ୍ମେଜୟ ମହାରଣାଙ୍କ ଗୋଚରକୁ ଅଣାଯାଇଥିଲା । ସେହିପରି ପ୍ରକୃତ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ନରହିବା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପୌରପରିଷଦ ଏମଆଇଏସ ସଂଜୀବ ପଣ୍ଡା, ଗୋଷ୍ଠୀ ସଂଯୋଜିକା ଜୟଶ୍ରୀ ପଧାନ ଓ ଡିଇଓ ବାବୁଲୁ ବେହେରା ସହଯୋଗ କରିଥିଲେ ।

# ଜମରତଲାରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ

**ଦହିତା, ୬।୨ (ସମିସ):** ପଦ୍ମପୁର ଉପଖଣ୍ଡ ଜମରତଲା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରାଜେଶ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଶିକ୍ଷକ ଏହି ଅବସରରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଜାୟ ରଖିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ତର୍କ ଓ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ରୂପଧର ନାୟକ, ସୂର୍ଯ୍ୟକାନ୍ତ ବାରିକ, କୁଳମଣି ପ୍ରଧାନ, ରଘୁନାଥ ପୁରୀ ଓ ଭୀଷ୍ମଦେବ ବାରିକ ପରିଚାଳନା କରିଥିଲେ ।



# ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧନା

**ବରପାଲି,୬।୨ (ସମିସ):** ବରପାଲି ବ୍ଲକ କୁମ୍ଭାରୀ ବର୍ଷିଆନ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନଙ୍କୁ ତାଙ୍କ ବାସଭବନରେ ପୂର୍ବତନ ବିଧାୟକ ଅଶୋକ ପାଣିଗ୍ରାହୀ ଓ ବରିଷ୍ଠ ଆଇନଜୀବୀ ରବିନ୍ଦ୍ର ପଣ୍ଡା ସମ୍ବର୍ଦ୍ଧନା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଗୁରୁ ଭାଗବତ ପଧାନଙ୍କୁ ପଦ୍ମଶ୍ରୀ ସମ୍ମାନରେ ଅଳଙ୍କୃତ କରାଯିବା ନିମନ୍ତେ ସିଦ୍ଧାନ୍ତ ନିଆଯାଇଥିବା ଖବର ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ପର୍ବ ଆରମ୍ଭ ହୋଇଛି । ଲୋକଙ୍କ ଗହଳଚହଳ ଲାଗି ରହିଛି । ଏହି ଅବସରରେ ଗୁରୁ ଭାଗବତ ପ୍ରଧାନଙ୍କୁ ଅତିଥିଦ୍ୱୟ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ମାଧ୍ୟମରେ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ । ସ୍ଥାନୀୟ ଭଦ୍ରମଣ୍ଡଳୀ ଉପସ୍ଥିତ ଥିଲେ ।



# ଛାତ୍ର ଅଂଶୁମାନ ମହାପାତ୍ର ଓ ଛାତ୍ରୀ ଅନନ୍ୟା ଅଦିତି ସାମନ୍ତରାୟଙ୍କ କୃତିତ୍ୱ

**ବରଗଡ଼, ୬।୨(ସମିସ):** ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଅଂଶୁମାନ ମହାପାତ୍ର ଓ ଛାତ୍ରୀ ଅନନ୍ୟା ଅଦିତି ସାମନ୍ତରାୟ ଗତ ଜାନୁୟାରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଁଦିଲ୍ଲୀର କର୍ତବ୍ୟ ପଥ (ରାଜପଥ) ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଅଂଶୁମାନ ମହାପାତ୍ର ନିଜର ସର୍ବଶ୍ରେଷ୍ଠ କ୍ୟାଡେଟ୍ ପ୍ରଦର୍ଶନ କରି ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କଠାରୁ ମାନପତ୍ର ସହ ୫୦୦୦ ଟଙ୍କାର ଚେକ୍ ରାଶି ପାଇ ସମ୍ମାନିତ ହୋଇଥିଲେ । ବରଗଡ଼ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ପ୍ରଦୀପ ସାହୁ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ତଥା ଶୁଭକାମନା ଜଣାଇଛନ୍ତି ।





# ସୌଖୀନ କଳାକାର ସଂଘ ପକ୍ଷରୁ ସାଧୁ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼, ୬।୨(ସମିସ):** ସୌଖୀନ ରଙ୍ଗମଞ୍ଚଠାରେ ଜାତୀୟ ପୁରସ୍କାପ୍ରାପ୍ତ ସ୍ୱନାମଧନ୍ୟ ଚଳଚ୍ଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ ତଥା ଅଭିନେତା ସ୍ୱର୍ଗତ ସାଧୁ ମେହେରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସ୍ୱର୍ଗତ ମେହେରଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ସଭ୍ୟମାନଙ୍କ ଦ୍ୱାରା ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ସଂଘର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ନେହେରୁ ସରାଫ, ଗୋପାଳକୃଷ୍ଣ ଦାଶ, ଅଶ୍ୱିନୀ ପଣ୍ଡା, ପ୍ରଭାସ ଗଂଜନ ମହଲା, ହିମାଂଶୁ ପାଢ଼ୀ, ସନ୍ଦୀପ ମହାପାତ୍ର, ଦିପାଂଶୁ ଆଚାର୍ଯ୍ୟ, ଅଶୋକ ବେହେରା, ବିଜୟ ବେହେରା, ତ୍ରିନାଥ ତ୍ରିପାଠୀ, ସ୍ୱରୂପ ପଟ୍ଟନାୟକ, ସୁଶୀଲ ମିଶ୍ର, ପ୍ରୟାସ ବିର୍ତିଆ, ବିକାଶ ମିଶ୍ର, କାହ୍ନୁ ପୃଷ୍ଟି, ମୋହିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ମାନସିକ ରୋଗୀଙ୍କୁ ସହାୟତା

**ପଦ୍ମପୁର , ୬।୨ (ସମିସ):** ପଦ୍ମପୁର ସହର ଦୁର୍ଗାମନ୍ଦିର ନିକଟରେ ଜଣେ ଅଜଣା ମାନସିକ ରୋଗୀ ବୁଲୁଥିବା ବେଳେ କେତେକ ସଚେତନ ଯୁବକଙ୍କ ନଜରକୁ ଆସିଥିଲା । ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନ ଥିଲା । ପୋଷାକ ପରିଚ୍ଛନ୍ନତା ଠିକ ନ ଥିଲା । ଯୁବକମାନେ ତାଙ୍କୁ ବିସ୍କୁଟ, ଜଳଖିଆ ଦେଇ ଆଶ୍ୱସ୍ତ କରିବା ସହ ତାଙ୍କ ବାଳ କାଟି ପୋଖରୀରେ ସ୍ନାନ କରାଇଥିଲେ । ଅନେକ ଥର ପଚାରିଲା ପରେ ତାର କଥା ଭାଷାରୁ ସେ ଜଣେ ପଞ୍ଜାବର ଲୋକ ବୋଲି ସ୍ୱେଚ୍ଛାସେବୀମାନଙ୍କ ହୃଦବୋଧ ହୋଇଥିଲା । ସତ୍ୟମ ମହାପାତ୍ର, କୁନୁ ବାରିକ, ରାଜା ମେହେର, ରାଜେନ୍ଦ୍ର ସାହୁ, ସଞ୍ଜିବ ସାହୁ, ଶୁଭମ ସାହୁ ପ୍ରମୁଖ ଏହି ଯୁବକଙ୍କୁ ରାସ୍ତାକଡ଼ରୁ ଉଦ୍ଧାର କରିଥିବା ଜଣାପଡ଼ିଛି ।

■ ସର୍ବଭାରତୀୟ ଆର୍ଯ୍ୟଭଟ୍ଟ ଗଣିତ ଚ୍ୟାଲେଞ୍ଜ ପରୀକ୍ଷା

# କ୍ରିଷ୍ଣା ବିକାଶର କ୍ରିଷ୍ଣା ଅଗ୍ରୱାଲଙ୍କ ସଫଳତା



**ବରଗଡ଼, ୬।୨(ସମିସ):** କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କ୍ରିଷ୍ଣା କୁମାର ଅଗ୍ରୱାଲ ସର୍ବଭାରତୀୟ ସ୍ତରରେ ଆୟୋଜିତ ହୋଇଥିବା ଆର୍ଯ୍ୟଭଟ୍ଟ ଗଣିତ ଚ୍ୟାଲେଞ୍ଜ୍ ପରୀକ୍ଷାରେ ଦେଶର ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରୁ ୪୮ତମ ସ୍ଥାନ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ମୁଖ୍ୟ ଟିକେଶ୍ୱର ପାଢ଼ୀ ଓ ସହଯୋଗୀ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ଏହି ସଫଳତା ମିଳିପାରିଛି । କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଓ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଶୁଭେଚ୍ଛା ଜଣାଇଛନ୍ତି ।

# ବିଜେପି ଯୁବନେତାଙ୍କ ପିତୃ ବିୟୋଗ

**ଦହିତା, ୬।୨ (ସମିସ):** ବିଜେପି ଦହିତା ମଣ୍ଡଳ ଆଇଟି ସଂଯୋଜକ ସଞ୍ଜୟ ସାହୁଙ୍କ ପିତା କୃଷ୍ଣଚନ୍ଦ୍ର ସାହୁଙ୍କ (୭୪) ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପୁଅ ସଞ୍ଜୟ, ସୂରଜ, ଝିଅ ରୁବି ଓ ରୁନା ଉପସ୍ଥିତ ଥିଲେ । ଦହିତାସ୍ଥିତ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି । ବଡ଼ପୁଅ ସଞ୍ଜୟ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ସାହୁ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଥିଲେ । ସରଳ ଓ ଅମାୟିକ ବ୍ୟକ୍ତି ଭାବରେ ପରିଚିତ ଥିଲେ । ତାଙ୍କ ମୃତ୍ୟୁରେ ଦହିତା ଅଞ୍ଚଳରେ ଶୋକ ଖେଳିଯାଇଛି । ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ ମୁଖପାତ୍ର ପ୍ରଦୀପ ପୁରୋହିତ, ବିଜେପିର ନେତୃମଣ୍ଡଳୀ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।



# ଗୁଡେଶିରା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ




ବରଗଡ଼, ୬।୨(ସମିସ)

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗୁଡେଶିରା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏ ଅବସରରେ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ଭୋଇ, ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସ୍କୁଲ୍ ସଭାପତି ଲଳିତ ଆଚାର୍ଯ୍ୟ, ସରପଞ୍ଚ କୁନ୍ତଳା ପାଣ୍ଡେ, ଯୁବନେତା ତାପସ ଦାଶ, ବିଧାୟକ ପ୍ରତିନିଧି ମନୀଷ ଆଚାର୍ଯ୍ୟ, ସମିତିସଭ୍ୟ ସାନନ୍ଦ ବାଗ, କୁଳମଣି ଦାଶ, ଦେବ ଚିନ୍ଦା, ରବି ଦେବତା, ଡିଲେଶ୍ୱରି ମେହେର ପ୍ରମୁଖ ଅତିଥି ଅଭିଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋଚନା ମିଶ୍ର ବିବରଣୀ ପାଠ ଏବଂ ଶିକ୍ଷକ ମନୋଜ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୁରାତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ଏହି ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଇଥିବା ହେତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ପରେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରଶାନ୍ତ ଭୋଇ, ରାମ ସାହୁ, ଯୋଗେଶ୍ୱରୀ ସିଂ ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ ।

# ବିଶ୍ୱ କର୍କଟ ଦିବସ ପାଳିତ

**ପଦ୍ମପୁର, ୬।୨ (ସମିସ):** ଗତ ଫେବୃଆରୀ ୪ ତାରିଖ ପଦ୍ମପୁର ଉପଖଣ୍ଡ ପୁରେନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଦୀପକ ସାହୁଙ୍କ ସଂଯୋଜନାରେ କର୍କଟ ସଚେତନତା କାର୍ଯ୍ୟକ୍ରମ ତଥା ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି । ଶ୍ରୀ ସାହୁ କର୍କଟର କାରଣ ଓ ନିରାକରଣ ସଂପର୍କରେ ବକ୍ତବ୍ୟ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା କରିଥିଲେ । ପ୍ରଧାନଶିକ୍ଷକ ରେଣୁଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ଶିକ୍ଷକ ପ୍ରମୋଦ ନାଥ କର୍କଟ ରୋଗ ପ୍ରସଙ୍ଗରେ ମତ ରଖିଥିଲେ । ନନ୍ଦିନୀ ମିଶ୍ର, ଚନ୍ଦ୍ରଭାନୁ ବଡ଼ଗୁଛିଆ ଓ ସୁରେଶ ପଟେଲ ସହଯୋଗ କରିଥିଲେ । ଲେକ୍ସ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଜୀବନରେଖା 'ଜୀରା' ଜରାଜୀର୍ଣ୍ଣ





**ବରଗଡ଼, ୬।୨(ସମିସ)**

ବରଗଡ଼ ସହରର ଜୀବନରେଖା ଭାବେ ପରିଗଣିତ ଜୀରା ନଦୀ ଏବେ ଠୁଁ ଶୁଖିଲା ହୋଇଯାଇଛି। ବାଲି ବଦଳରେ ମାଟି ଭର୍ତ୍ତି ହୋଇଯାଇଥିବା ନଦୀପଠା ଏବେ ପିଲାଙ୍କ ଖେଳ ପଡ଼ିଆରେ ପରିଣତ ହୋଇଯାଇଥିବା ସହ ଧୀରେ ଧୀରେ ତାହା ମୃତବତ ହେବାକୁ ଯାଉଛି। ଏହାକୁ ନେଇ ପରିବେଶବିତ୍‌ମାନେ ଆଶଙ୍କିତ ହୋଇପଡ଼ିଛନ୍ତି।

ବରଗଡ଼ ସହର ଦେଇ ବୋହି ଯାଉଛି ଜୀରାନଦୀ। ଜୀରାନଦୀକୁ ବରଗଡ଼ର ଜୀବନରେଖା ଭାବରେ ଅଭିହିତ କରାଯାଉଥିବା ବେଳେ ଏବେ ନଦୀଧାରା ଶୁଖିଲା ହୋଇପଡ଼ିରହିଛି। ଛତିଶଗଡ଼ରୁ ବାହାରି ବରଗଡ଼ ଜିଲ୍ଲାର ଭଟଲି, ସୋହେଲା, ବରଗଡ଼, ବରପାଲି, ଭେଡେନ ଦେଇ ଜୀରାନଦୀ ମହାନଦୀରେ ମିଶିଛି। ଏହି ନଦୀ ଉପରେ ନିର୍ଭର କରି ନଦୀ ତଟବର୍ତ୍ତୀ ଅଞ୍ଚଳର ଚାଷୀ ତଥା ମତ୍ସ୍ୟଜୀବୀ ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ସେହିପରି ନଦୀକୂଳିଆ ଗ୍ରାମବାସୀ ଏହି ନଦୀରୁ ପାଣି ସଂଗ୍ରହ କରି ପାନୀୟଜଳ

**ଶୁଷ୍କ ଅବସ୍ଥାରେ ନଦୀ, ସାଜିଛି ପିଲାଙ୍କ ଖେଳ ପଡ଼ିଆ**

**ବାଲି ପୋଛି ଦେଲେଣି ମାଫିଆ, ପାଲଟିଛି ଘାସ ଗାଲିଚା**

ଭାବରେ ବ୍ୟବହାର କରିଥାନ୍ତି। ଧୀରେ ଧୀରେ ଜୀରା ନଦୀର ପାଣିରେ ନାଳନର୍ଦ୍ଦମା ପାଣି ମିଶି ପ୍ରଦୂଷିତ ହେବା ସହ ନଦୀଶଯ୍ୟାରୁ ବେଆଇନ ବାଲି ଚାଲାଣ ଯୋଗୁଁ ନଦୀର ଧାରା ବନ୍ଦ ହୋଇଯାଇ ଶୁଷ୍କ ଅବସ୍ଥାକୁ ପହଞ୍ଚିଛି। ତେବେ ବର୍ଷକୁ ବର୍ଷକ ନଦୀର ଉପରମୁଣ୍ଡରେ ବର୍ଷାର ପରିମାଣ ମଧ୍ୟ କମି ଯାଉଥିବା ଯୋଗୁଁ ମଧ୍ୟ ପାଣିର ସ୍ରୋତ ବନ୍ଦ ହୋଇଯାଉଥିବା ଦେଖିବାକୁ ମିଳୁଛି। ଗ୍ରୀଷ୍ମ ଋତୁ ଆରମ୍ଭ ହୋଇ ନ ଥିବା ସତ୍ତ୍ୱେ ନଦୀଧାରା ବନ୍ଦ ହେବାକୁ ନେଇ ପରିବେଶବିତ୍‌ମାନଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ତେବେ ବିଭିନ୍ନ କାରଣ ଯୋଗୁଁ ଜୀରାର ନଦୀ ଧାରା ଶୁଷ୍କ ହୋଇ ତାହା ଏକ ଘାସ ଗାଲିଚା ଭାବରେ ଦେଖିବାକୁ ମିଳୁଛି। ସେହିପରି ବରଗଡ଼ ସହର ନିକଟସ୍ଥ ନଦୀ ତଟବର୍ତ୍ତୀ ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ଜବରଦଖଲ କରାଯାଇ ଘର ନିର୍ମାଣ ମଧ୍ୟ ହେଉଥିବା ଅଭିଯୋଗ ହୋଇଛି।

ଅପରପକ୍ଷେ, କେତେକ ସ୍ଥଳରେ ନଦୀଶଯ୍ୟା ପୋତି ହୋଇଯାଇଥିବା ବେଳେ ବର୍ତ୍ତମାନ ତାହା ପିଲାଙ୍କ ଖେଳପଡ଼ିଆ ପାଲଟି ଯାଇଛି। ସହର ନିକଟସ୍ଥ ଅମ୍ବାପାଲି-ବରଗଡ଼ ମଧ୍ୟବର୍ତ୍ତୀ ସ୍ଥାନରେ ପିଲାମାନେ ନଦୀଶଯ୍ୟାରେ କ୍ରିକେଟଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଖେଳ ପାଇଁ ତାକୁ ବ୍ୟବହାର କରୁଛନ୍ତି। ଜୀରାନଦୀ ଦିନକୁ ଦିନ ପୋତି ହେବାକୁ ଲାଗିଥିବା ବେଳେ ଏହା ଉପରେ ଆଶ୍ରା କରି ପରିବାର ପ୍ରତିପୋଷଣ କରୁଥିବା ତଳମୁଣ୍ଡର ଚାଷୀ ବିଶେଷ କରି ମତ୍ସ୍ୟଜୀବୀମାନେ ଆଶଙ୍କିତ ରହିଛନ୍ତି। ଏହାସହ ପରିବେଶବିତ୍‌ଙ୍କ ଉଦ୍‌ବେଗ ବଢ଼ିବାରେ ଲାଗିଛି। ବିଭିନ୍ନ ନଦୀରୁ ବେଆଇନ ବାଲି ଉଠାଣ ଯୋଗୁଁ ନଦୀଗୁଡିକର ଜଳଧାରଣା କ୍ଷମତା ଧୀରେ ଧୀରେ କମି ଆସିବା ସହ ତାହା ଶୁଷ୍କ ହୋଇପଡୁଛି। ଏପରି ସ୍ଥିତି ଜୀରା ନଦୀରେ ମଧ୍ୟ ଦେଖିବାକୁ ମିଳୁଛି। ବେଆଇନ ବାଲି ଉଠାଣ ସହ ଡିପ ବୋରୱେଲ ଖନନକୁ ବନ୍ଦ କରାଯିବା ଏବଂ ପର୍ଯ୍ୟାପ୍ତ ପରିମାଣର ବୃକ୍ଷ ରୋପଣ ଦ୍ୱାରା ମୃତପ୍ରାୟ ନଦୀକୁ ପୁନରୁଦ୍ଧାର କରାଯାଇପାରିବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

**ଶ୍ରମିକ ପରିବାରକୁ ନିର୍ଯାତନା ଓ ହତ୍ୟା ଧମକ**

# ଦାଦନ ଦଲାଲ ସହ ୬ କୋର୍ଟ ଚାଲାଣ

**ପଦ୍ମପୁର, ୬।୨ (ସମିସ):** ପଦ୍ମପୁର ଥାନା ପୁଲିସ ଦାଦନ ଶ୍ରମିକ ଚାଲାଣ କରିଥିବା ଜଣେ ଦଲାଲ ସହ ତା'ର ୫ ଜଣ ସହଯୋଗୀଙ୍କୁ ମଙ୍ଗଳବାର ଗିରଫ କରିଛି। ବରିକେଲ ଗାଁର ତ୍ରିଲୋଚନ ସୁନା ଓ ପରିବାର ସଦସ୍ୟଙ୍କୁ ବିନା ପଞ୍ଜୀକରଣରେ ବେଆଇନ ଭାବେ ଦଲାଲ ଜଣକ ସିକନ୍ଦରାବାଦ ଅଞ୍ଚଳକୁ କାର୍ଯ୍ୟ ଅନ୍ୱେଷଣରେ ଚାଲାଣ କରିଥିଲା ବେଳେ ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ,



ଅଭିଯୁକ୍ତ ଦାଦନ ଦଲାଲ ମିଥୁନ ହରିପାଲ, ବୌଦ୍ଧ ଜିଲ୍ଲା ଦହ୍ୟାର ଆଲୋକ ସାହୁ, ସୁବର୍ଣ୍ଣପୁର ଜିଲ୍ଲା ଜନମୁରାର ଜିତୁ ଗାରିଆ, ପାଇକମାଳ ଥାନା ବରତୁଣ୍ଡାର କ୍ରିଷ୍ଟା ସୁନା, ମଧୁସୁଦନ କମାର ଓ ରାଜମୋହନ ସୁନା।

ସୂଚନା ଅନସାରେ, ଗତବର୍ଷ ସେପ୍‌ଟେମ୍ବର ୧୪ ତାରିଖରେ ସିକନ୍ଦରାବାଦ ଭେଙ୍ଗରାଜପୁରର ଦାଦନ ଦଲାଲ କୁହାଯାଉଥିବା ମିଥୁନ ହରିପାଲର ପ୍ରରୋଚନାରେ ବରିକେଲ ଗାଁର ତ୍ରିଲୋଚନ ସୁନା ସପରିବାର ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ। ଦଲାଲ ମୁଣ୍ଡପିଛା ୩୫ହଜାର ଅଗ୍ରୀମ ଦେବାକୁ ସର୍ତ୍ତ ରଖି ସିକନ୍ଦରାବାଦ ଗଲା ପରେ ୩୦ ହଜାର ଲେଖାଏଁ ଦେଇଥିଲା। ଦୁଇ ମାସ କାଳ ସେଠାରେ ଇଟା ଗଢିଥିଲେ; କିନ୍ତୁ ଇଟାଭଟା ସର୍ଦ୍ଦାରର ଅକଥନୀୟ ଅତ୍ୟାଚାର ଅସହ୍ୟ ହେଉଥିଲା। ଖାଇବାକୁ ମଧ ଦେଉ ନ ଥିଲା। ଜୀବନ ବିକଳରେ ସେମାନେ ଘରକୁ ଚାଲି ଆସିଥିଲେ। ଏହାପରେ ଦଲାଲ ହରିପାଲ ଓ ତା'ର ଅନ୍ୟ ପାଞ୍ଚଜଣ ସମ୍ପୃକ୍ତ ସହଯୋଗୀ ଏକ ଗାଡ଼ିରେ ତ୍ରିଲୋଚନର ବରିକେଲ ଘରକୁ ପହଞ୍ଚିଥିଲେ। ଘରକୁ ଘେରି ଯାଇ ପରିବାରବର୍ଗଙ୍କ ଉପସ୍ଥିତିରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରି ଦେବାକୁ ଭୟ ଦେଖାଇଥିଲେ। ଏନେଇ ପଦ୍ମପୁର ଥାନାରେ ଅଭିଯୋଗ ହେଲା ପରେ ଥାନାଧିକାରୀ ମମତା ନାଏକ ଘଟଣା ତଦନ୍ତ କରିବା ସହ ସଦଳବଳେ ସମସ୍ତ ଛଅ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣି କୋର୍ଟ ଚାଲାଣ କରିଛନ୍ତି।

ପ୍ରକାଶ ଥାଉ କି, ପ୍ରତିବର୍ଷ ଦାଦନମାନଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ହେଉଥିବା ସତ୍ତ୍ୱେ ଲୋକମାନେ ଦାଦନ ଖଟିବାକୁ ଅନ୍ୟତ୍ର ଯାଉଛନ୍ତି। ସେଠାରେ ଅକଥନୀୟ ଅନ୍ୟାୟ, ଅତ୍ୟାଚାରର ଶିକାର ହୋଇ ଘରକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଦାଦନ ଦଲାଲ ନିଜର ସହକର୍ମୀଙ୍କୁ ଧରି ଦାଦନ ପ୍ରତି ହତ୍ୟା ଧମକ ଦେଇ ଶେଷରେ ଜେଲ୍ ମଧ ଯାଉଛନ୍ତି। ଏହା ବିରୋଧରେ ପ୍ରଶାସନ ସଚେତନତା ଅଭିଯାନ ତଥା କାର୍ଯ୍ୟକ୍ରମ ଚଳାଇଥିବା ବେଳେ ବିଭିନ୍ନ ସ୍ତରରେ ଏହା ଫଳପ୍ରଦ ହୋଇପାରୁ ନାହିଁ। ପଦ୍ମପୁର ଉପଖଣ୍ଡ ସହ ସୀମାବର୍ତ୍ତୀ ନୂଆପଡ଼ା, ବଲାଙ୍ଗିର ଜିଲ୍ଲା ପାଇଁ ଏହା ପ୍ରମୁଖ ସମସ୍ୟା ଭାବେ ଏବେ ରହିଛି।

# କବିତା ପଢ଼ିଲେ ମିଶନ ଶକ୍ତି ମା'



**ଦେବଗଡ଼, ୬।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଦେବଗଡ଼ ଜିଲ୍ଲା ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ନେଇ 'ଭାଷା ହିଁ ଭବିଷ୍ୟତ' ଶୀର୍ଷକ ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀକୁ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ମିଶନ ଶକ୍ତି ବିଭାଗ ଜିଲ୍ଲା ପରିଚାଳିକା ସ୍ମରଣିକା ମହାପାତ୍ର, ଦେବଗଡ଼ ମହାବିଦ୍ୟାଳୟ ଓଡ଼ିଆ ଅଧାପକ ଡକ୍ଟର ସୁରେନ୍ଦ୍ର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଜନା ନାଏକ କବିତା ସଂଯୋଜନା କରିଥିଲେ। ପଦ୍ମିନୀ ସାହୁ ପ୍ରଥମ, ପଙ୍କଜିନୀ ବେହେରା ଦ୍ୱିତୀୟ ଓ ରୀନା ଦ୍ୱିବେଦୀ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ବେଲପାହାଡ଼ରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

**ଝାରସୁଗୁଡ଼ା, ୬।୨(ସମିସ) :** ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସୋମବାର ଉଦଯାପିତ ହୋଇଯାଇଛି। ଏହି ଅବସରରେ କଲ୍ୟାଣ ମଣ୍ଡପରୁ ଏକ ସଚେତନତା ରଥ ବାହାରି ସହର ପରିକ୍ରମା କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ବେଲପାହାଡ଼ ପୌର ଉପାଧକ୍ଷା ରୀନା ସୁନା, ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ଝାରସୁଗୁଡ଼ା ଜିଲା ସଂସ୍କୃତି ପରିଷଦର ଉପସଭାପତି ସୁରଙ୍ଗ ପଧାନଙ୍କ ସମେତ ପୌର କାଉନସିଲର ଯୁଧିଷ୍ଠିର ମୁଖୀ, ନିକି କାଲୋ, ଅର୍ଜିନା ବେଗମ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ପୌର କର୍ମଚାରୀ ଡ଼ା. ଦିଲୀପ ନାଏକ, ଶୈଳେଶ ବହିଦାର ଓ ଶିକ୍ଷକ କୁଶ ସା ପରିଚାଳନା କରିଥିବା ବେଳେ ଶୈଳେଶ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ କ୍ଷେତ୍ରର ଅତୁଳନୀୟ ଅବଦାନ ପାଇଁ ରଘୁନାଥା ନାୟକ, ଶ୍ରୀକର ଭୋଇ, ସୁବାସ ପ୍ରଧାନ, କୈଳାଶ ଚନ୍ଦ୍ର ପଟ୍ଟନାୟକ, ଡ଼ା. ଦିଲୀପ ନାଏକ, ସୁରଙ୍ଗ ପଧାନ, ନିବେଦିତା ମହାପାତ୍ର, ଫଣୀନ୍ଦ୍ର ସାହୁ, କୁଶ ସା, ଗୌରୀ ଶଙ୍କର କୁମ୍ଭାର, ବରୁଣ ପଧାନ, ନୀଳମଣି ଥାପ୍ପା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ମହିଳା ସଂଗଠନ ଶତାଧିକ କର୍ମୀ, କବି, ଲେଖକ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ତର୍କ, ପ୍ରବନ୍ଧ ଲିଖନ, ଅପରିକଳ୍ପିତ ଭାଷଣ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ବିହାରର ଛପରାରେ ଫେସ୍ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ଉତ୍ସବରେ ଦେବଗଡ଼ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ର ନରେଶ ସାମଲଙ୍କୁ ରାଷ୍ଟ୍ରୀୟ ପ୍ରେରଣା ଦୂତ ସମ୍ମାନରେ ସମ୍ମାନିତ କରାଯାଉଛି।

# ଜିଲ୍ଲା ଶୁଣ୍ଡି ସମାଜ ବାର୍ଷିକ ସମ୍ମିଳନୀ

**ଝାରସୁଗୁଡ଼ା, ୬।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଶୁଣ୍ଡି ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ନବ ଦାସ ଅଡିଟୋରିୟମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଗଣ୍ଡାରାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶୁଣ୍ଡି ସମାଜର ଜାତୀୟ ଉପସଭାପତି ତଥା ଉପଦେଷ୍ଟା ପ୍ରତାପ ବେହେରା, ରାଜ୍ୟ ସମ୍ପାଦକ ଉଦୟ ନାଥ ସାହୁ, ରାଜ୍ୟ କାର୍ଯ୍ୟକାରୀ ସଭାପତି ପୃଥିବୀରାଜ ବେହେରା, ରାଜ୍ୟ ଯୁବ ସଭାପତି ମଙ୍ଗରାଜ ସାହୁ, ପଶ୍ଚିମ ଓଡ଼ିଶା ଜୋନ ସଭାପତି ପ୍ରସନ୍ନ ବେହେରା, ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ପାଣ୍ଡବ ବେହେରା, ଗଞ୍ଜାମ ଜିଲ୍ଲା ସଭାପତି ନିରଞ୍ଜନ ସାହୁ, ସମ୍ବଲପୁର ଜିଲ୍ଲା ସଭାପତି ଖଡିରତ୍ନ ବେହେରା, ସୁନ୍ଦରଗଡ଼ ଜିଲ୍ଲା ସଭାପତି ସତ୍ୟନାରାୟଣ ସାହୁ, ମାଲକାନଗିରି ଜିଲ୍ଲା ସଭାପତି ପି. ପ୍ରସାଦ ରାଓ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ଜାତି ସମାଜରେ ଶିକ୍ଷାର ବିକାଶ, କୁସଂସ୍କାର, ବିବାହ, ଶୁଦ୍ଧିକ୍ରିୟା ଇତ୍ୟାଦିରେ ନୀତି ନିୟମ ପାଳନ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏ ଅବସରରେ ଉପଦେଷ୍ଟା ପ୍ରତାପ ବେହେରାଙ୍କ ପକ୍ଷରୁ ବ୍ୟବସାୟ ବୃଦ୍ଧି ପାଇଁ ଜଣେ ମହିଳାଙ୍କୁ ସିଲେଇ ମେସିନ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଜାତି ସମାଜର ପାଣ୍ଠି ତିଆରି କରାଯାଇଥିବା ବେଳେ ସମାଜରେ ଥିବା ଗରିବ ପରିବାରଙ୍କୁ ଶିକ୍ଷା ଓ ଚିକିତ୍ସା ସାହାଯ୍ୟ ଦିଆଯିବା ପାଇଁ ଘୋଷଣା କରାଯାଇଥିଲା। ଏ ଅବସରରେ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲାର ନୂତନ କମିଟି ଗଠନ କରାଯାଇ ଘୋଷଣା କରାଯାଇଥିଲା। ଏଥିରେ ନବୀନ ବେହେରା ସଭାପତି, ଉମେଶ ବେହେରା ସମ୍ପାଦକ ଓ ଜ୍ଞାନେନ୍ଦ୍ର ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଜିଲ୍ଲା




ମହିଳା କମିଟିରେ ଜ୍ୟୋସ୍ନାମୟୀ ନାଏକ ସଭାପତି, ଅନ୍ନପୂର୍ଣ୍ଣା ସାହୁ ସମ୍ପାଦିକା, ଟିଙ୍କି ବେହେରା ସହ ସମ୍ପାଦିକା, ନମ୍ରତା ସାହୁ କୋଷାଧକ୍ଷ ଓ ଟୀଙ୍କି ନାଏକ ସଭ୍ୟା ଭାବେ ମନୋନୀତ କରାଯାଇଥିଲା। ଏହାସହ ଯୁବ କମିଟିରେ ଅମିତ ବାଗ ଜିଲ୍ଲା ଯୁବ ସଭାପତି, ଅଶ୍ୱିନୀ ନାଏକ ସମ୍ପାଦକ ଓ ଅମନ ବେହେରା କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏ ଅବସରରେ ଉତ୍ତମ ଅତିଥି ସେବା ପାଇଁ ବିନିତା ବେହେରା ଓ ରୁଚିସ୍ମିତ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଗୋପୀନାଥ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ ବେହେରା ସଭା ପରିଚାଳନା କରିଥିଲେ। ଶେଷରେ ତୁଳାରାମ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ଜାତି ସମାଜର ସମସ୍ତ ଜିଲ୍ଲାରୁ ଅତିଥି ସଦସ୍ୟ ଓ ଜିଲ୍ଲାର ଶତାଧିକ ମହିଳା ଓ ପୁରୁଷ ସଦସ୍ୟ ଯୋଗ ଦେଇଥିଲେ।

**ସର୍ବାଧିକ ସମସ୍ୟା ଘେରରେ ଶତାୟୁ ସ୍କୁଲ**

# ମଣିଷ ତିଆରି କାରଖାନା ଏବେ ଅସାମାଜିକଙ୍କ ଆଡ୍ଡା

**ସମ୍ବଲପୁର, ୬।୨(ସମିସ)**

ଶହେ ବର୍ଷ ପୁର୍ବରୁ ରେମେଡ ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ କୌଣସି ସୁବିଧା ନଥିଲା। ଶିକ୍ଷା ସମସ୍ୟା ଦୂର କରିବା ପାଇଁ ୧୯୨୪ ମସିହାରେ ରେମେଡରେ ଏକ ସରକାରୀ ସ୍କୁଲ ଖୋଲା ଯାଇଥିଲା। ରେମେଡ ସହ ଦୁର୍ଗାପାଲି, ଲରପଙ୍କ, ବରେଇପାଲି ଭଳି ଏକାଧିକ ଗ୍ରାମ ଓ ପଡ଼ାର ଲୋକ ଏହି ସ୍କୁଲ ଉପରେ ନିର୍ଭର କରୁଥିଲେ। ସ୍କୁଲକୁ ଶହେ ବର୍ଷ ପୁରିଛି ସତ, କିନ୍ତୁ ବିଦ୍ୟାଳୟର ବିକାଶ ପଛରେ ରହିଯାଇଛି। ଏହି ଶତାୟୁ ସ୍କୁଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଆବଶ୍ୟକ ଅନୁସାରେ ନା ଶିକ୍ଷକ ଅଛନ୍ତି ନା ରହିଛି ଭିତ୍ତିଭୂମି। ଯାହା କିଛି ତିଆରି ହୋଇଥିଲା, ସେସବୁ ନଷ୍ଟ ହୋଇ ଗଲାଣି।




ଅନେକ ପ୍ରତିଷ୍ଠିକ ବ୍ୟକ୍ତି ବିଶେଷଙ୍କୁ ତିଆରି କରିଥିବା ମଣିଷ ତିଆରି କାରାଖାନା ଏବେ ନାନା ସମସ୍ୟା ଘେରରେ ବୁଡି ରହିଛି। ୫-ଟି ସ୍କୁଲରେ ସାମିଲ କରାଯାଇ ବିକାଶ କରିବା ପାଇଁ ଅଞ୍ଚଳବାସୀ ଓ ଅଭିଭାବକ ଦାବି କରିଛନ୍ତି।

ରେମେଡରେ ୧୯୨୪ ମସିହା ରାଜସ୍ୱ ନୀରିକ୍ଷକଙ୍କ ଅଫିସ ଓ ପଡ଼ା ରାସ୍ତା ନିର୍ମାଣ ପାଇଁ ସ୍କୁଲର ପାଚେରୀ ଭାଙ୍ଗି ଦିଆଯାଇଛି। ଫଳରେ ଅସୁରକ୍ଷିତ ହୋଇରହିଛି ବିଦ୍ୟାଳୟ। ଏହି ପ୍ରାଥମିକ ସ୍କୁଲ ଏବେ ଉଚ୍ଚ ପ୍ରାଥମିକ ସ୍କୁଲର ସ୍ୱୀକୃତି ପାଇଛି। କିନ୍ତୁ ସେହି ଅନୁସାରେ ଉନ୍ନତମାନ ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇନାହିଁ। ସରକାରୀ ଅଧିକାରୀ, ବ୍ୟବସାୟୀ, ପ୍ରତିଷ୍ଠିତ କବି, ଲେଖକ ଫେବୃଆରୀ ୧ରେ ଏହି ସ୍କୁଲଟି ସ୍ଥାପିତ ହୋଇଥିଲା। ପ୍ରାଥମିକ ସ୍କୁଲଟି ଏବେ ଉଚ୍ଚ ପ୍ରାଥମିକ ସ୍କୁଲରେ ପରଣିତ ହୋଇଛି। ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୯୨ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ସେଥିମଧ୍ୟରୁ ଛାତ୍ରୀଙ୍କ ସଂଖ୍ୟା ୧୦୩ ଥିଲା ବେଳେ ଛାତ୍ର ସଂଖ୍ୟା ୮୯ ରହିଛି। ହେଲେ ଆଠଟି କ୍ଲାସ ପାଇଁ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଯାହା ଫଳରେ ଏକା ସମୟରେ ଶିକ୍ଷୟିତ୍ରୀମାନେ ଦୁଇଟି କ୍ଲାସ କରିବାକୁ ବାଧ ହେଉଛନ୍ତି ବୋଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ସାହୁ କହିଛନ୍ତି। ସ୍କୁଲରେ ଏମିତି ଅନେକ ସମସ୍ୟା ରହିଛି, ଯାହାର ହିସାବ ନାହିଁ। ସ୍କୁଲ ପାଇଁ ନିର୍ଦ୍ଦିଷ୍ଟ ପାଚେରୀ ନାହିଁ। ଯେଉଁ ଅର୍ଦ୍ଧ ନିର୍ମିତ ପାଚେରୀ ଥିଲା ତାହା ମଧ୍ୟ ଭାଙ୍ଗି ଦିଆଯାଇଛି। ସ୍କୁଲରେ ଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି। ହେଲେ ସେମାନଙ୍କ ପାଇଁ ଉପଯୁକ୍ତ ଶୌଚାଳୟ ବ୍ୟବସ୍ଥା ନାହିଁ। ଶୌଚାଳୟରେ ପାଣି ବ୍ୟବସ୍ଥା ନାହିଁ ଏବଂ ବିଦ୍ୟୁତ ସେବାରୁ ମଧ୍ୟ ବଞ୍ଚିତ। ପାଚେରୀ ତିନି ଜାଗାରୁ ଭଙ୍ଗା ଯାଇଛି ଯାହା ଫଳରେ ବାହାର ଲୋକେ ବିନା ଦ୍ୱିଧାରେ ଭିତରକୁ ପ୍ରବେଶ କରି ମନ ଇଚ୍ଛା ଜିନିଷ ଭାଙ୍ଗି ପାରୁଛନ୍ତି। ସେହି ପରି ସନ୍ଧ୍ୟା ହେଲେ ସ୍କୁଲ ପରିସର ଅସାମାଜିକ ଲୋକଙ୍କ ଆଡ୍ଡା ପାଲଟି ଯାଏ। ପାଚେରୀ ନଥିବାରୁ ସ୍କୁଲରେ ପୂର୍ବରୁ ଲାଗିଥିବା ଫୁଲ ଗଛ ଚୋରି କରିନେଇଥିବା ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି।

## ଆରଆଇ ଅଫିସ, ପଡ଼ା ରାସ୍ତା ପାଇଁ ପାଚେରି ଭାଙ୍ଗିଦେଲେ

ଆରଆଇ ଅଫିସ ନିର୍ମାଣ ହେବା ପରେ ପୁଣି ପାଚେରୀ ନିର୍ମାଣ କରିଦେବୁ ବାହାନ କରି ସ୍କୁଲର ପାଚେରୀକୁ ୧ ମାସରୁ ଅଧିକ ହେଲାଣି ଭାଙ୍ଗି ଦେଇଛନ୍ତି। ହେଲେ ଏବେ ଯାଏ ନା ଅଫିସ ହେଲା ନା ସ୍କୁଲ ପାଚେରୀ। ସେହିଭଳି ସ୍କୁଲର ପଛ ପଟେ ଥିବା ରାସ୍ତାକୁ ପଡ଼ାବାସୀ ଯିବା ଆସିବା କରିବା ପାଇଁ ଭାଙ୍ଗି ଦେଇଛନ୍ତି। ସ୍କୁଲକୁ ପ୍ରବେଶ କରିବାକୁ ଏବେ ଚାରି ପାର୍ଶ୍ୱ ଖୋଲା ରହିଛି। ଯାହା ଫଳରେ ଅସାମାଜିକ ଲୋକ ପ୍ରବେଶ କରୁଛନ୍ତି।



**ସେମାନେ କୁହନ୍ତି**



ସ୍କୁଲରେ ଲୋକେ ମଦ ପିଇ ବୋତଲ ଭାଙ୍ଗି ଫୋପାଡୁଛନ୍ତି। ଯାହା ଫଳରେ ଆମେ ଖେଳିବାରେ ସମସ୍ୟା ହେଉଛି। ପାଚେରୀ ପାଖକୁ ଯାଇ ହୁଏନି, କାରଣ ସେଠାରେ ଅଧିକ ଭଙ୍ଗା କାଚ ପଡ଼ିଛି, ଆହତ ହେବାର ଆଶଙ୍କା ଅଛି।

**ଅନ୍ୱେଶ କୁମାର ସାହୁ** (ସପ୍ତମ ଶ୍ରେଣୀ ଛାତ୍ର)



ଶୌଚାଳୟରେ ପାଣି ଟ୍ୟାପକୁ ବାହାର ଲୋକ ଭାଙ୍ଗି ଦେଇଛନ୍ତି। ତେଣୁ ନିଜେ ପାଣି ନେବାକୁ ପଡୁଛି। ବିଦ୍ୟୁତ ଚୋରି ହେଉଥିବା ଯୋଗୁଁ ଶୌଚାଳୟ ଅନ୍ଧାର ହୋଇ ରହିଛି। ଆମକୁ ନାନା ସମସ୍ୟାର ଶିକାର ହେବାକୁ ପଡୁଛି।

**ଚୁମକି ସିଂ** ( ଅଷ୍ଟମ ଶ୍ରେମୀ ଛାତ୍ରୀ)

# ଆନ୍ଦୋଳନକାରୀଙ୍କ ତମ୍ବୁ ଉଠାଇ ନେଲା ପୁଲିସ

**ଝାରସୁଗୁଡ଼ା, ୬।୨(ସମିସ):** କୋଇଲା ଖଣି ଯୋଗୁ ଜମିହରା ପ୍ରଜାମାନେ ଏମସିଏଲ ଅଧିନରେ କାର୍ଯ୍ୟରତ ଏକ ଘରୋଇ କମ୍ପାନୀରେ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ବେଳେ ପୁଲିସ ଦାଉ ସାଧିଛି। ପୁଲିସ ସେମାନଙ୍କ ତମ୍ବୁ ଉଠାଇ ନେବା ସହିତ ଧାରଣାରେ ବସିଥିବା ଏହି ପୂର୍ବତନ କର୍ମଚାରୀଙ୍କୁ ତାଗିଦ କରିଛି। ଦୁଇ ଦିନ ହେବ ଏହି ଜମିହରା ମାନେ ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। କିନ୍ତୁ ପ୍ରଶାସନ ଏମାନଙ୍କ ଉପରେ ସାହା ହେବା ବଦଳରେ ସେମାନଙ୍କୁ ଦମନ କରିବାକୁ ଚେଷ୍ଟା କରୁଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଏମସିଏଲ ଲଖନପୁର ଖଣି କ୍ଷେତ୍ର ପକ୍ଷରୁ ପୂର୍ବରୁ ନିୟୋଜିତ ଭିପିଆର କମ୍ପାନୀର କାର୍ଯ୍ୟ କରିଥିବା ପୂର୍ବତନ କର୍ମଚାରୀମାନଙ୍କୁ ବର୍ତ୍ତମାନ ନିୟୋଜିତ ମହାଲକ୍ଷ୍ମୀ ସାକାର କମ୍ପାନୀରେ ପୁନଃ ନିଯୁକ୍ତି ଦାବି ପ୍ରସଙ୍ଗକୁ ନେଇ ରବିବାର ଅପରାହ୍ନରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଆରମ୍ଭ କରିଛନ୍ତି। ପୂର୍ବରୁ ହୋଇଥିବା ତ୍ରିପାକ୍ଷିକ ଚୁକ୍ତି ଅନୁସାରେ ଧାର୍ଯ୍ୟ ସମୟରେ ମହାଲକ୍ଷ୍ମୀ ସାକାର କମ୍ପାନୀ ଏହି ଯୁବକମାନଙ୍କୁ ନିଯୁକ୍ତି ନ ଦେଇ ଦିନ ଗଡ଼ାଇବାରେ ଲାଗିଛି। ଗତ ବର୍ଷ ଅଗଷ୍ଟ ୮ରେ ମହାଲକ୍ଷ୍ମୀ ସାକାର କମ୍ପାନୀରେ ସ୍ଥାୟୀ ନିଯୁକ୍ତି ଦାବି କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ପୂର୍ବତନ କର୍ମଚାରୀମାନେ ଆମରଣ ଅନଶନ କରିଥିଲେ। ସେତେବେଳେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଡ଼ିସେମ୍ବର ୨୦୨୩ ସୁଦ୍ଧା ସମସ୍ତଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। କିନ୍ତୁ ଇତି ମଧ୍ୟରେ ମହାଲକ୍ଷ୍ମୀ ସାକାର କମ୍ପାନୀ ପୂର୍ବତନ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବାକୁ ମଙ୍ଗୁନାହିଁ। ଏହା ପୂର୍ବରୁ ମଧ୍ୟ ସେମାନେ ଗତ ତା ୫।୬।୨୦୨୩ରେ ଏମସିଏଲ ଲଖନପୁର ଖଣି କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଜିଲ୍ଲା ପ୍ରଶାସନ, ଏମସିଏଲ ମହାଲକ୍ଷ୍ମୀ ସାକାର କମ୍ପାନୀ ଓ ଶ୍ରମିକମାନଙ୍କ ମଧ୍ୟରେ ସ୍ଥାନୀୟ ନିର୍ବାଚିତ ଜନ ପ୍ରତିନିଧି ଓ ବିଧାୟିକାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ଚୁକ୍ତି ସମ୍ପାଦନ ପରେ ଜୁଲାଇ ୭ ତାରିଖରେ ଆମରଣ ଅନଶନ ପ୍ରତ୍ୟାହାର ହୋଇଥିଲା। ଉକ୍ତ ଆଲୋଚନାରେ କମ୍ପାନୀ ଶ୍ରମିକ ମଧ୍ୟରେ ୪୯ ଜଣଙ୍କ ମଧ୍ୟରୁ ୨୩ ଜଣଙ୍କ କାଗଜପତ୍ର ଠିକ ଥିବା କହି ଅଗଷ୍ଟ ୭ ତାରିଖ ସୁଦ୍ଧା ନିଯୁକ୍ତି ଦେବା ପାଇଁ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ବାକି ୨୬ ଜଣ ପୁରୁଣା କମ୍ପାନୀରେ କାମ କରୁଥିଲେ କି ନାହିଁ ତାଙ୍କର କାଗଜପତ୍ର ଯାଞ୍ଚ ପାଇଁ ପାଞ୍ଚ ଜଣିଆ କମିଟି ଗଠନ କରାଯାଇଥିଲା। ଏହି ପାଞ୍ଚଜଣିଆ କମିଟିରେ ଏମସିଏଲର ଦୁଇଜଣ ଅଧିକାରୀ, ଦୁଇଜଣ ଶ୍ରମିକ ଏବଂ ଡ଼ିଏଲଓ ମଧ୍ୟ ସାମିଲ ଥିଲେ। ଦୀର୍ଘ ମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି କାହାରିକୁ ଚାକିରୀ ମିଳିନାହିଁ। ପାଞ୍ଚ ଜଣିଆ କମିଟି ଦେଇଥିବା ରିପୋର୍ଟରେ ୨୬ ଜଣଙ୍କ ମଧ୍ୟରୁ ମାତ୍ର ଚାରି ଜଣ ଭିପିଆର କଂପାନୀରେ କାମ କରୁଥିବା ସ୍ୱୀକାର କରିଥିବା ବେଳେ ବାକି ୨୨ଜଣଙ୍କ ବିଷୟରେ କିଛି କହି ନାହାନ୍ତି। କମ୍ପାନୀର ତ୍ରୁଟିପୂର୍ଣ୍ଣ ଓ ମନମୁଖୀ କାର୍ଯ୍ୟ ଯୋଗୁଁ ପ୍ରାୟେ ଦୁଇ ବର୍ଷ ହେବ ବେକାର ହୋଇ ଏହି ଜମିହରା କର୍ମଚାରୀ ମାନେ ଜୀବନ ଯାପନ କରୁଛନ୍ତି। ପୁଲିସ ତାଙ୍କର ତମ୍ବୁ ନେଇଗଲେ ମଧ୍ୟ ଖୋଲା ଆକାଶ ତଳେ ଭୋକରେ ମରିବା ଅପେକ୍ଷା ଏମିତି ନିଜ ହକ ପାଇଁ ଲଢ଼ି ମରିବୁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି। ଏହି ଆନ୍ଦୋଳନକାରୀଙ୍କୁ କେତେକ ରାଜନୈତିକ ଦଳ ମଧ୍ୟ ଆଜି ଠାରୁ ସମର୍ଥନ ଜଣାଇଛନ୍ତି।

# ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

**ଝାରସୁଗୁଡ଼ା, ୬।୨(ସମିସ)**

ଲଖନପୁର ବ୍ଲକ ଭଁଅରଖୋଲ ଡୁଡୁଗାଁ ଛକ ନିକଟସ୍ଥ ଜାତୀୟ ରାଜପଥ ୪୯ରେ ମଙ୍ଗଳବାର ଅପରାହ୍ନରେ ଏକ ଟ୍ରକ ଧକ୍କାରେ ଦୁଇ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ଲଖନପୁର ଥାନା ରେମଣ୍ଡା ପଞ୍ଚାୟତ ଅନ୍ତର୍ଗତ ଭୂତିଆ ବାଦିମାଲ ଗ୍ରାମର ଭଗବାନ ଖଡ଼ିଆ (୨୮) ଓ ବିଷ୍ଣୁ ଖଡ଼ିଆ (୧୮)। ଗୁରୁତର ଭାବେ ଆହତ ହୋଇ ଦିଲୀପ ଖଡ଼ିଆ (୨୨) ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଭଗବାନ, ବିଷ୍ଣୁ ଓ ଦିଲୀପ ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ଅପରାହ୍ନ ପ୍ରାୟ ୪ଟାରେ ସେମାନେ କୌଣସି ସ୍ଥାନରୁ ନିଜ କାର୍ଯ୍ୟ ସମାପ୍ତ କରି ଏକ ବାଇକ ଓଡ଼ି୨୩ଏଲ୍-୭୬୮୩ ଯୋଗେ ଲଖନପୁର ଅଭିମୁଖେ ଫେରୁଥିଲେ। ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ ଓଡ଼ି୦୯ପି-୬୧୩୮ ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଭଗବାନଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ବିଷ୍ଣୁ ଓ ଦିଲ୍ଲୀପଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ବିଷ୍ଣୁଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହୋଇଥିବା ଟ୍ରକକୁ ରେଙ୍ଗାଲି ପୁଲିସ ଜବତ କରିଛି। ଦିଲୀପଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ସଙ୍କଟାପନ୍ନ ଥିବା ରେଙ୍ଗାଲି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ସୂଚନା ଦେଇଛନ୍ତି। ଏହି ସ୍ଥାନରେ କ୍ରମାଗତ ଭାବରେ ଏଭଳି ଏକାଧିକ ସଡ଼କ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହେଉଥିବାରୁ ଜନସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ଲଖନପୁର ପୁଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

# କବି ନିକୁଞ୍ଜ ବିହାରୀ ମିଶ୍ର ସମ୍ବର୍ଦ୍ଧିତ

ଝାରସୁଗୁଡା, ୬।୨(ସମିସ): ଝାରସୁଗୁଡା ଉପକଣ୍ଠ ପୂର୍ଣ୍ଣା ଅନ୍ତର୍ଗତ କୁମୁଡ଼ାପାଲି ନିବାସୀ କବି ନିକୁଞ୍ଜ ବିହାରୀ ମିଶ୍ରଙ୍କୁ ଜଗତସିଂହପୁରସ୍ଥିତ କନ୍ତରା ସଂସ୍କୃତ ମହା ବିଦ୍ୟାଳୟ ପକ୍ଷରୁ ସରସ୍ୱତୀ ଦାମୋଦର ମିଶ୍ର ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶଥାଉ ଯେ ଶ୍ରୀ ମିଶ୍ରଙ୍କର ଶାଣିତ ଓ ଉତ୍କୃଷ୍ଟ ମାନର କବିତା ସାମାଜିକ ଗଣ ମାଧ୍ୟମରେ ପ୍ରାୟତଃ ପ୍ରକାଶିତ ହେଉଛି।

# ରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

**ବ୍ରଜରାଜନଗର, ୬।୨ (ସମିସ):** ଝାରସୁଗୁଡା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜପୁର ସରପଞ୍ଚ ସରସ୍ୱତୀ ନାଏକ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ସସ୍ମିତା ତନ୍ତୀ, ବ୍ରଜରାଜନଗର ବିଧାୟିକାଙ୍କ ପ୍ରତିନିଧି ଗଣେଶ ରାମ ବାଗ, ସିଆରସିସି ସୁଶାନ୍ତ ବେହେରା, ସୁଧୀର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଅନୁଷ୍ଠିତ ସଭାକୁ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ ଧନ ପଟେଲ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଭିଭାବକ ସହଯୋଗ କରିଥିଲେ।



# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ

## ୧୯ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

**ଦେବଗଡ଼, ୬।୨(ସମିସ):** ବରକୋଟ ବ୍ଲକ ପୁରୁଣାପାଣିସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ମଙ୍ଗଳବାର ଜିଲ୍ଲା କୃଷକ ସଂଘର୍ଷ ସଂଘ ଘେରାଉ କରିଛି। ସେମ ହେମ୍ବ୍ରାମଙ୍କ ନେତୃତ୍ୱରେ ସଂଘର ସଦସ୍ୟ ଓ ଶତାଧିକ ଚାଷୀ ପୁରୁଣାପାଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସ୍ଲୋଗାନ ଦେଇଥିଲେ। ଆଦିବାସୀଙ୍କୁ ଜଙ୍ଗଲ ଜମି, ଭୂମିହୀନଙ୍କୁ ଘରଡିହ ପଟ୍ଟା, ଜମିର କିସମ ପରିବର୍ତ୍ତନ, ରେଙ୍ଗାଲି ନଦୀବନ୍ଧ ଯୋଜନାରେ କ୍ଷତିଗ୍ରସ୍ତଙ୍କୁ ଜମି ପ୍ରଦାନ ଓ ସରକାରୀ ଜମି ଦଖଲରେ ଥିବା ଚାଷୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ ନେଇ ପୂର୍ବରୁ କରାଯାଇଥିବା ୫ ଦଫା ଦାବି ପୂରଣରେ ଜିଲ୍ଲା ପ୍ରଶାସନ ବିଳମ୍ବ କରୁଥିବା ଅଭିଯୋଗ କରିଥିଲେ। ଏଥିସହ କୃଷକ ସଂଘର୍ଷ ସଂଘର ଦାବି ପୂରଣ ନ ହେଲେ ୧୯ ତାରିଖ ଦିନ ସଂଘର୍ଷ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବକୁ ନିଷ୍ପତ୍ତି ହୋଇଛି। ସଙ୍ଘର ସମ୍ପାଦକ ଗୁଣନିଧି ବେହେରା, ଯଶୋବନ୍ତ ସାହୁ, ଗଣେଶ ପାତ୍ର, ଚିଣ୍ଟୁ ବାରିକଙ୍କ ସମେତ କାଦୋପଡ଼ା, କେଲଡା ଓ ଝରୋକଣ୍ଠଳ ପଞ୍ଚାୟତର ବହୁ ଜନସାଧାରଣ ଯୋଗ ଦେଇଥିଲେ।



# ଆଜି ଝାରସୁଗୁଡ଼ା ଆସୁଛନ୍ତି ରାହୁଲ ଗାନ୍ଧୀ

ଝାରସୁଗୁଡ଼ା, ୬।୨(ସମିସ): କଂଗ୍ରେସ ନେତା ରାହୁଲ ଗାନ୍ଧି ବୁଧବାର ଝାରସୁଗୁଡ଼ା ଆସୁଛନ୍ତି। ଏନେଇ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଝାରସୁଗୁଡ଼ା ସହର ସମେତ ଗାନ୍ଧିଛକ, ବେଲାପାହାଡ଼ ମହିମା ଛକ ଠାରେ ରାହୁଲ ଗାନ୍ଧିଙ୍କୁ ସ୍ୱାଗତ କରିବାକୁ ବଡ଼ବଡ଼ ବ୍ୟାନର ପୋଷ୍ଟର, ହୋର୍ଡ଼ିଙ୍ଗ ଲଗାଯାଇଛି। ରାହୁଲ ଗାନ୍ଧି ଭଣ୍ଡା ଦେଇ ବିଜୁ ଏକ୍ସପ୍ରେସ ୱେରେ ସୁନ୍ଦରଗଡ଼ ପଟୁ ଝାରସୁଗୁଡ଼ାକୁ ଆସିବେ। ବୁଧବାର ସନ୍ଧ୍ୟା ସାଢ଼େ ୭ଟା ସମୟରେ ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ପହଞ୍ଚି ରାତ୍ରିଯାପନ କରିବେ। ପରେ ୮ ତାରିଖ ସକାଳୁ ଝାରସୁଗୁଡ଼ା ଟାଉନରେ ପଦଯାତ୍ରା, ବ୍ରଜରାଜନଗର ଗାନ୍ଧିଛକ, ବେଲପାହାଡ଼ ମହିମା ଛକ ଓ ଲଖନପୁରଠାରେ ସାଧାରଣ ସଭା କରିବେ। ମଧୁବନ ଢ଼ାବାରେ ଚା ବିରତି ପରେ କୁରେମାଲ ଠାରେ ମଧ୍ୟାହ୍ନ ଭୋଜନ, ପଞ୍ଚଗାଁଠାରେ ସାଧାରଣ ସଭାରେ ଯୋଗ ଦେଇ କନକତୋରା ଦେଇ ଛତିଶଗଡ଼କୁ ଯାତ୍ରା କରିବେ। ରାହୁଲ ଗାନ୍ଧିଙ୍କ ଏହି ଭାରତ ଯୋଡୋ ନ୍ୟାୟ ଯାତ୍ରାର ସୁରକ୍ଷା ପାଇଁ ଝାରସୁଗୁଡ଼ା ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

**ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟ**

# କଣ୍ଢେଇ ହାଇସ୍କୁଲକୁ ହରାଇ ରାଜା ବାସୁଦେବ ହାଇସ୍କୁଲ ବିଜୟୀ

**ଦେବଗଡ଼, ୬।୨(ସମିସ):** ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ




ଅନୁଷ୍ଠିତ ଆନ୍ତଃ ଜିଲ୍ଲା ସ୍କୁଲ ଟୁର୍ଣ୍ଣାମେଣ୍ଟରେ କଣ୍ଢେଇ ହାଇସ୍କୁଲକୁ ୧୩୮ ରନ୍‌ରେ ପରାସ୍ତ କରି ରାଜା ବାସୁଦେବ ହାଇସ୍କୁଲ ବିଜୟୀ ହୋଇଛି। ରାଜା ବାସୁଦେବ ହାଇସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ଟି ଉଇକେଟ ହରାଇ ୨୩୯ ରନ୍ କରିଥିଲା। ଦଳ ପକ୍ଷରୁ ସ୍ୱାଧୀନ ପାତ୍ର ୯୬, ଶୁଭମ୍ ପ୍ରଧାନ ୨୮ ସୌମ୍ୟରଞ୍ଜନ ପାତ୍ର ୨୨ ରନ୍ କରିଥିବା ବେଳେ କଣ୍ଢେଇ ଦଳର ବିଶ୍ୱନାଥ ପାତ୍ର ଓ କରୁଣା ସେଠୀ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ କଣ୍ଢେଇ ଦଳ ୨୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱନାଥ ପାତ୍ର ୧୯ ଓ ସୁଜିତ ପାତ୍ର ୧୭ ରନ କରିଥିବା ବେଳେ ରାଜା ବାସୁଦେବ ହାଇସ୍କୁଲର ମହେଶ୍ୱର ସ୍ୱାଇଁ ୩, ନିଖିଲ ନାୟକ ଓ ସୌମ୍ୟ ପାତ୍ର ୨ ଟି ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ନବୀନ ରାଉଳ ଓ ରାଜା ରାଣା ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ସୌମ୍ୟ ରଞ୍ଜନ ନାୟକ, ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ଦେଇଥିଲେ। ବୁଧବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ବୁଢ଼ାପାଳ ହାଇସ୍କୁଲ ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ମନ୍ଦିର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ରିଆମାଳ, ୬।୨(ସମିସ):** ରିଆମାଳ ବ୍ଲକ ଟୁହିଲାମାଳରେ ଶ୍ରୀ ଶ୍ରୀ ବାଙ୍କେଶ୍ୱର ବାବା ଶିବ ମନ୍ଦିରର ସୋମବାର ଶିବ ଲିଙ୍ଗ ସ୍ଥାପନା ହୋଇଥିବା ବେଳେ ମଙ୍ଗଳବାର ମନ୍ଦିରର ପାର୍ଶ୍ୱ ଦେବାଦେବୀ ମୂର୍ତ୍ତି ସ୍ଥାପନା ହୋଇଛି। ସେହିପରି ନିକଟରେ ଥିବା ମାଁ ଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ, ପାର୍ଶ୍ୱ ଦେବାଦେବୀଙ୍କ ଜୀବନ୍ୟାସ ଓ ବିଗ୍ରହ ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ଚନ୍ଦ୍ରଶେଖର ନନ୍ଦ, ସଞ୍ଜୟ ଶତପଥୀ, ସପନ ଶତପଥୀ, ପ୍ରଶାନ୍ତ ନନ୍ଦ, କେତନ ଦାଶ ଓ ସଞ୍ଜୟ ମିଶ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ରତ୍ନାକର ଗଡ଼ନାୟକ ଓ ପତ୍ନୀ ମନୋରମା ଗଡ଼ନାୟକ, ଲିପନ ଗଡ଼ନାୟକ ପତ୍ନୀ ରିନା ଗଡ଼ନାୟକ କର୍ତ୍ତା ଥିଲେ। ଦିଗାମ୍ବର ବିଶି, ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଚାଲିଥିଲା। ଟୁହିଲାମାଳ, ଖୁଣ୍ଟାବନ୍ଧ, ନିଳଗଣ୍ଡଆ, ଝିମ୍ପାବିରା, ଖରିଆକାନି, ଜୋଡାଗୋଲା, ଫଟାଟାଙ୍ଗର, କୁକୁଟିନାଳୀ, କେନ୍ଦୁନାଳୀ, ତାରଙ୍ଗ, କୁମାଳ, ନିଶାବିରା, ଦଶଘରିଆର ଗ୍ରାମବାସୀ ସହଯୋଗ କରିଥିଲେ।

# ଚାରାରୋପଣ କରି ପରିବେଶ ସଚେତନତାର ବାର୍ତ୍ତା ଦେଲେ ନବଦମ୍ପତି

**ବ୍ରଜରାଜନଗର, ୬।୨(ସମିସ):** ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ରେମଜା ଗ୍ରାମରେ ଅନୁଷ୍ଠିତ ହୋଇଥିବା ଏକ ବିବାହ ଉତ୍ସବରେ ନବଦମ୍ପତି ଚାରା ରୋପଣ କରି ନିଆରା ଢଙ୍ଗରେ ପରିବେଶ ସଚେତନତାର ବାର୍ତ୍ତା ପ୍ରଦାନ କରିଛନ୍ତି। ନବ ଦମ୍ପତିଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। ରେମଜା ଗ୍ରାମର ବିକ୍ରମ ସାହୁଙ୍କ ପୁତ୍ର ନାରାୟଣ ସାହୁଙ୍କର ପଧାନଡେରାର ଯୋଗେଶ୍ୱର ପଧାନଙ୍କ ଝିଅ ସୁନିତାଙ୍କ ସହିତ ବିବାହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜପୁର ଫରେଷ୍ଟର ପ୍ରଶାନ୍ତ କୁମାର ବାଗ ଯୋଗ ଦେଇ ନବଦମ୍ପତିଙ୍କୁ ଉପହାର ସ୍ୱରୂପ ଚାରା ପ୍ରଦାନ କରଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବନଖଣ୍ଡ ଏସିଏଫ ଲଳିତ ନାୟକ, ପ୍ରସନ୍ନଜିତ ନାୟକ, ବ୍ରଜରାଜନଗର ରେଞ୍ଜର ରେସନା ଜାମଡ଼ାଲିଆ, ଡେପୁଟି ରେଞ୍ଜର ସୁଦେଷ୍ଣା ପ୍ରଧାନ, ହେଡ଼ କ୍ୱାର୍ଟର ଫରେଷ୍ଟର ଅରକ୍ଷିତ ପ୍ରଧାନ ଅତିଥି ଭାବରେ ଯୋଗଦାନ କରିଥିଲେ। ବନ ବିଭାଗ କର୍ମଚାରୀ କାଜଲ ଶର୍ମା, ରିମା ପଟେଲ, ବିରେନ୍ଦ୍ର ପଟେଲ, ଦୀପକ ସା, ଦୀପକ ପଟେଲ, ରାଜେଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡ଼ା ଜିଲ୍ଲାରେ ଖଣି ଖଦାନ ଓ କଳ କାରଖାନା ଯୋଗୁଁ ପ୍ରଦୂଷଣ ଅହେତୁକ ମାତ୍ରାରେ ଦିନକୁ ଦିନ ବୃଦ୍ଧି ପାଉଛି ଏବଂ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିବା ମୂଳ ଲକ୍ଷ ନେଇ ରାଜପୁର ସେକ୍ସନ ଫରେଷ୍ଟର ଶ୍ରୀ ବାଗ ଗତ ୨୦୧୪ ମସିହାରୁ ବିବାହ ଉତ୍ସବରେ ଯୋଗ ଦେଇ ନବ ବିବାହିତ ଦମ୍ପତିଙ୍କୁ ଉପହାର ଭାବେ ଚାରା ପ୍ରଦାନ କରି ଆସୁଛନ୍ତି।



# ଗୋବିନ୍ଦପୁର ବୃଦ୍ଧାଶ୍ରମର ପଞ୍ଚମ ବାର୍ଷିକୋତ୍ସବ

**ଲଖନପୁର, ୬।୨(ସମିସ):** ପିପୁଲ୍ସ ଫୋରମ୍, ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପାଣ୍ଠିର ମିଳିତ ଉଦ୍ୟମରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ଗୋବିନ୍ଦପୁରଠାରେ ଥିବା ବୃଦ୍ଧାଶ୍ରମ 'ଭରସା'ର ପଞ୍ଚମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଖଣିଜ ପାଣ୍ଠିର ଟିମ୍ ଲିଡର ଡ଼କ୍ଟର ରିନା ନାୟକ ଓ ସ୍ୱାସ୍ଥ୍ୟ ପରିଚାଳକ ମିସ ଗାରିମା ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି କେନ୍ଦ୍ରରେ ୫୫ ଜଣ ଅନ୍ତେବାସୀ (ପୁରୁଷ ଓ ମହିଳା)ଙ୍କୁ ଚିକିତ୍ସା ସହିତ ସେବା ଯୋଗାଇ ଦିଆଯାଉଛି। ପିପୁଲସ ଫୋରମ୍ ପଶ୍ଚିମ ଓଡ଼ିଶାର ସବୁ କେନ୍ଦ୍ରରେ କର୍ମଚାରୀଙ୍କ ସମେତ ସମସ୍ତ ଅନ୍ତେବାସୀ ବୃଦ୍ଧାଶ୍ରମ 'ଭରସା'ର ପଞ୍ଚମ ଜନ୍ମ ବାର୍ଷିକ କେକ୍ କାଟି ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପିପୁଲସ ଫୋରମ୍ ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀ, ପ୍ରତିମା ନନ୍ଦ, ଦିପ୍ତୀକାନ୍ତ ନାଏକ, ଅଜୟ ଦାସ, ସନ୍ତୋଷ ମାର୍ଥା, ଅଜୟ ଦେବତା, ଗଣେଶ ଚନ୍ଦ୍ର ବଳିୟାରସିଂହ, ସୌମିତ୍ର ସରକାର, ସୁବାସ ଜେନା, କିରଣ ଗୁପ୍ତା, ପ୍ରଜ୍ଞା ପାରମିତା ବେହେରା, ଇପ୍ସିତା ସାହୁ, ଅଞ୍ଜଳି ପଧାରିଆ, ଅଂଶୁମାନ ପାଢ଼ୀ, ଦୀପ୍ତିମୟୀ ପ୍ରଧାନ, ବିଶ୍ୱଜିତ୍ ସାହୁ, ଉମେଶ ପୋଢ଼, ପାର୍ଥସାରଥୀ ମହାପାତ୍ର, ସୁଶିଲ ପରିଜା, ରିନା ପ୍ରଧାନ, କମଳା କିସାନ, କାଦମ୍ବିନୀ ନାଏକ, ଦେବାଶୀଷ ବିଶ୍ୱାଳ, ସନ୍ତୋଷ ଜଗଦଲା, ସୁନିଲ ଦାସ, ଉମେଶ ଗରୁଡ଼, ଜପେଶ୍ୱର ତାଣ୍ଡି ଓ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



**ବେଲପାହାଡ଼ ଉତ୍ସବ୍ 'ମଚାନ୍' ଉଦ୍‌ଯାପିତ**

# ଲୋକନୃତ୍ୟରେ ଝୁମିଲେ ଦର୍ଶକ

**ଝାରସୁଗୁଡ଼ା, ୬।୨(ସମିସ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆସ୍ଥିତ ରତ୍ନ ମଣ୍ଡପଠାରେ ଚାଲିଥିବା କଟକ ନଟରାଜ ଡ୍ୟାନ୍ସ ଏକାଡେମୀର ବିଭିନ୍ନ ନୃତ୍ୟ ସହିତ ସ୍ଥାନୀୟ ବିଦ୍ୟାଳୟର ସମ୍ବଲପୁରୀ ଓ ଅନ୍ୟ ନୃତ୍ୟ ଦର୍ଶକଙ୍କ ବିଶେଷ ଆକର୍ଷଣୀୟ ହୋଇଥିଲା। ଏହାକୁ ଦର୍ଶକମାନେ ଭରପୁର ଉପଭୋଗ କରିଥିଲେ। ବେଲପାହାଡ଼ର ବିଜୟ କୁମାର ସ୍ୱାଇଁଙ୍କୁ ରତ୍ନଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହା ସହ ଅତିଥିଗଣ 'ମଚାନ୍' ସ୍ମରଣିକା ଉନ୍ମୋଚନ କରିଥିଲେ। ମଚାନ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ରଙ୍କ





ବେଲପାହାଡ଼ ଉତ୍ସବ୍ 'ମଚାନ୍' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହା ଫେବୃୟାରୀ ୨ ତାରିଖରୁ ଆରମ୍ଭ ହୋଇ ବେଲପାହାଡ଼ ସହର ୫ ଦିନ ଧରି ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇଉଠିଥିଲା। ଶେଷ ସନ୍ଧ୍ୟାରେ ଆମନ୍ତ୍ରିତ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟରୁ ସମ୍ବଲପୁରର ସ୍ୱୟମ ସାଂସ୍କୃତିକ ଅନୁଷ୍ଠାନର ସମ୍ବଲପୁରୀ ଲୋକନୃତ୍ୟ, ମୋଟ ୩୫ଟି ଷ୍ଟଲରେ ପ୍ରଦର୍ଶିତ ଗ୍ରାମଶ୍ରୀ ମେଳା, କ୍ଷୁଦ୍ର ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଶେଷ ସନ୍ଧ୍ୟାରେ ପ୍ରାୟ ୩ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ରେମତା ନିବାସୀ ସାମ୍ବାଦିକ ପ୍ରଫୁଲ୍ଲ ପଣ୍ଡା ଓ ସମାଜସେବା କ୍ଷେତ୍ରରେ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବେଲପାହାଡ଼ ପୌର ନଗରପାଳ ନିମାଇଁ ଚରଣ ପଣ୍ଡା, ଶିକ୍ଷାବିତ ତଥା ସମାଜସେବୀ ପ୍ରତାପ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୋତିରାମ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରମୋଦ ସେନାପତି ବିବରଣୀ ଉପସ୍ଥାପନ ଓ ଶ୍ରୀକର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜକ ବେଲପାହାଡ଼ ଉତ୍ସବ ମଚାନ୍ କମିଟିର ପୃଷ୍ଠପୋଷକ ବେଲପାହାଡ଼ ନଗରପାଳ ଶ୍ରୀ ପଣ୍ଡା, ସଭାପତି ଶ୍ରୀ ମିଶ୍ର, କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ, ଉପସଭାପତି ମୋତିରାମ ମେହେର, ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, କୋଷାଧ୍ୟକ୍ଷ ଯୋଗେଶ୍ୱର ବହିଦାରଙ୍କ ସମେତ ଶ୍ରୀକର ଭୋଇ, ଡା. ଦିଲୀପ ନାଏକ, ଦିଲୀପ ପଟେଲ, ସୁରେଶ ପ୍ରଧାନ, ଠାକୁର ପ୍ରଧାନ, ସୌମ୍ୟବ୍ରତ ମିଶ୍ର, ଭାସ୍କର ପଟେଲ, ପ୍ରଦୀପ ପସାୟତ, ବିଜ୍ଞାନ ସ୍ୱାଇଁ, ଗୌରୀ ଶଙ୍କର ବିଶି, ବବନ ସିଂ, ଆଲୋକ ଖମାରୀ, ରାଜେଶ ପଶାୟତ, ହେମସାଗର ପଟ୍ଟନାୟକ, ଆଶିଷ ମେହେର, ଅନୀଲ ଭୋଇ, ମନୋଜ ପଟେଲ, ନିଶା ଶର୍ମା, ସୋମନାଥ ମେହେର, ବର୍ଷାରାଣୀ ମେହେର, ଶିଳ୍ପି ରଥ, ସଙ୍ଗୀତ ଯାଦବ ପ୍ରମୁଖ ସମସ୍ତ ସଦସ୍ୟ ଆୟୋଜନରେ ସହଯୋଗ କରିଥିଲେ।

# ଜାତୀୟ କୃମିନାଶକ ସଚେତନତା ବୈଠକ

**ଦେବଗଡ଼, ୬।୨(ସମିସ):** ଦେବଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ କୃମି ନାଶକ ଦିବସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଯୋଗଦେଇ କୃମି ନାଶକ ସଚେତନତା ଉପରେ ଆଲୋକପାତ କରିଥିଲେ। ଫେବୃୟାରୀ ୧୦ ଓ ୧୭ ତାରିଖ ଦିନ କୃମି ନାଶକ ବଟିକା ବଣ୍ଟନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ସଚେତନତା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ସଂଯୋଜକ (ଯକ୍ଷ୍ମା) ଡା. ପ୍ରଭାତ ଓଝା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଜ୍ୟୋସ୍ନାରାଣୀ ଶର୍ମା, ଡାକ୍ତର ମନୋରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



# ଲୋକଉତ୍ସବକୁ ଝୁରିବେ ଲୋକେ

**ବଲାଙ୍ଗିର, ୬।୨(ସମିସ)**

ଆରମ୍ଭ ହେବାକୁ ଯାଉଛି ପଲ୍ଲିଶ୍ରୀ ମେଳା। ଦୀର୍ଘ ଦିନର ପରମ୍ପରାରେ ବ୍ୟତିକ୍ରମ ଘଟି କେବଳ ପଲ୍ଲିଶ୍ରୀ ମେଳା ଆୟୋଜନ ହେବ। କାରଣ ଲୋକ ଉତ୍ସବ କେବେ ହେବ ସେନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ନାହିଁ। ବ୍ଲକ କିମ୍ବା ଉପଖଣ୍ଡସ୍ତରୀୟ ଲୋକଉତ୍ସବ ହୋଇନାହିଁ। ଏ ଅବହେଳା କାହା ପାଇଁ ? ଲୋକକଳାର ମାଟିରେ କଳାକାରଙ୍କୁ ଉପେକ୍ଷା କ'ଣ ପାଇଁ ? ଏଭଳି ବିଭିନ୍ନ ପ୍ରଶ୍ନ ଜନମାନସରେ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ରଖିଛନ୍ତି ବଲାଙ୍ଗିରବାସୀ।



**ଲୋକ ଉତ୍ସବକୁ ନେଇ ମତ..**



ଗତ ଜାନୁଆରୀ ୧୨ ତାରିଖ ଲୋକଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ତତ୍କାଳୀନ ଜିଲ୍ଲାପାଳ ଲୋକଙ୍କ ପାଇଁ ଲୋକ ଉତ୍ସବ ବୋଲି ଲୋକଙ୍କୁ ହିଁ ଏହାର ଆୟୋଜନ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ। ଏହିକ୍ରମରେ ଜିଲ୍ଲା କଳାକାର ସଂଘର ସଭାପତି ଜମାଲ ଖାନଙ୍କୁ ଉପସଭାପତି ଓ ପ୍ରଭାକର ମିଶ୍ରଙ୍କୁ ସାଧାରଣ ସମ୍ପାଦକ ଭାବରେ ଚୟନ କରାଯାଇଥିଲା। ପୂର୍ବତନ କର୍ମକର୍ତ୍ତାଙ୍କୁ ମଧ୍ୟ ଦାୟିତ୍ୱ ହସ୍ତାନ୍ତର କରାଯାଇ ସେମାନଙ୍କ ପରିଚାଳନାରେ ଲୋକ ଉତ୍ସବ ଆୟୋଜନ କରିବାକୁ ଜିଲ୍ଲାପାଳ କହିଥିଲେ। ତଦନୁଯାୟୀ କମିଟି ହାତରେ ସମ୍ପୂର୍ଣ୍ଣ କ୍ଷମତା ରହିଛି ଲୋକ ମହୋତ୍ସବ ଆୟୋଜନ କରିବା ପାଇଁ। କାର୍ଯ୍ୟକ୍ରମ ଆୟୋଜନରେ କାହିଁକି ବିଳମ୍ବ ହେଲା ତାହା ସେମାନେ କହିପାରିବେ।

**ରଶ୍ମିରଞ୍ଜନ ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ**

୧୯୯୯ ମସିହାରେ ଆମେ ପ୍ରଥମ କରି ଲୋକଉତ୍ସବର ଆୟୋଜନ କରିଥିଲୁ। ଆମକୁ ଯାହା ଅନୁଦାନ ମିଳୁଥିଲା ସେଠାରେ ଆମେ ସୁରୁଖୁରରେ କାର୍ଯ୍ୟକ୍ରମ ପରିଚାଳନା କରୁଥିଲୁ। ଏବେ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ଯେ ଲୋକ ଉତ୍ସବରେ ୪୦ ଲକ୍ଷ୍ୟ ଟଙ୍କାର ବଜେଟ ଖର୍ଚ୍ଚ ହେଉଛି। ସେଥିପାଇଁ ଲୋକ ଉତ୍ସବକୁ ମାରି ଦିଆଯାଉଛି। ବେଳେବେଳେ ମନରେ ଶଙ୍କା ହୁଏ ଲୋକ ଉତ୍ସବ ରୋଜଗାର କରିବାର ମାଧ୍ୟମ ପାଲଟିଯାଇନି ତ !



**ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବରିଷ୍ଠ କଳାକାର**



ମୋ ମତରେ ଲୋକ ଉତ୍ସବ ପ୍ରକୃତରେ ଲୋକଙ୍କ ଉତ୍ସବ ନୁହେଁ କିଛି ଲୋକଙ୍କର ଉତ୍ସବ। ଗାଁକୁ ନେଇ ସହର ଓ ଜିଲ୍ଲା। ଲୋକ ଉତ୍ସବରେ ଗ୍ରାମାଞ୍ଚଳର ସଂସ୍କୃତି ଶୋଭାପାଏ; କିନ୍ତୁ ସହରାଞ୍ଚଳର କିଛି ଅନୁଷ୍ଠାନ ଏ ସଂସ୍କୃତିକୁ ବିକୃତି କରୁଛନ୍ତି। ଲୋକ ଉତ୍ସବକୁ ଲୋକଙ୍କ ଉତ୍ସବ ଭାବରେ ପାଳନ କରାଯାଉ। ଏହାକୁ ନେଇ ରାଜନୀତି କିମ୍ବା ଆନୁଷ୍ଠାନିକ କରା ନଯାଉ।

**ଦିଲୀପ ଦୀପ, ବରିଷ୍ଠ କଳାକାର**



ବଲାଙ୍ଗିରକୁ ଛାଡ଼ିଦେଲେ ଅନ୍ୟ ଜିଲ୍ଲାରେ ଲୋକ ଉତ୍ସବ ହୋଇ ସାରିଛି। ଲୋକ ଉତ୍ସବକୁ ନେଇ ରାଜନୀତି ଚାଲିଛି। ଯଦି ପଲ୍ଲିଶ୍ରୀ ମେଳା କରାଯାଇ ପାରୁଛି, ତା'ହେଲେ ଲୋକ ଉତ୍ସବ କାହିଁକି ହେବନି ? ଏହା ଜିଲ୍ଲାର କଳାକାର ମାନଙ୍କୁ ଚାପୁଡ଼ା ସଦୃଶ ଅଟେ। ଏମିତି ଅବହେଳା ରହିଲେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ବିରୋଧର ସମ୍ମୁଖୀନ ହେବେ।

**ସନ୍ଦୀପ ବାଗ, ଯୁବ ସମାଜସେବୀ**



ମଞ୍ଚ ଅଭାବରୁ ଆମେ ଏମିତି ବାହାଘର, ବ୍ରତଘରରେ ବାଜା ବଜାଇ ଗୁଜୁରାଣ ମେଣ୍ଟାଉଛୁ। ଗ୍ରାମାଞ୍ଚଳର କଳାକାରଙ୍କୁ ଯେଉଁ ମଞ୍ଚ ଯୋଗାଉଥିଲା ତାହା ଲୋକ ଉତ୍ସବ ଦେଉଥିଲା। ଯଦି ଏବେ ସେହି ଲୋକ ଉତ୍ସବ ବନ୍ଦ ହେବ ତାହେଲେ ଆମ ଭଳି କଳାକାର ଯିବେ କୁଆଡେ ? ଆମର ଦାବି ଲୋକ ଉତ୍ସବର ଆୟୋଜନ ଯଥାଶୀଘ୍ର କରାଯାଉ।

**ପ୍ରକାଶ ନନ୍ଦ, ଜୁନିଅର ଫେଲୋସିପ ଆୱାର୍ଡ କଳାକାର**



ଲୋକଉତ୍ସବରେ ଅନେକ ଥର ମହୁରୀ ବଜାଇଛି। ଏଇ ମଞ୍ଚରୁ ମତେ ନା ମିଳିଛି। ଲୋକ ଉତ୍ସବ ଆୟୋଜନରେ ଅବହେଳା କରାଯାଉଥିବା କଥା ଶୁଣି ଆଜି ମତେ ଭାରି ଦୁଃଖ ଲାଗୁଛି। ଏଭଳି କରାଗଲେ ଆମଭଳି ଗ୍ରାମାଞ୍ଚଳର କଳାକାର ଯିବେ କୁଆଡେ ?

**ବେନାର ନନ୍ଦ, ମହୁରିଆ**



କଳା ହିଁ ମଣିଷକୁ ମଣିଷତ୍ୱ, ବ୍ୟବହାର ଶିଖାଏ। ଯଦି ଆଜି ଦୁନିଆରେ କଳା ଅଛି ମାନେ ମଣିଷର ମଣିଷତ୍ୱ ରହିଛି। ସେହି କଳାକୁ ବଲାଙ୍ଗିର ଜିଲ୍ଲାରେ ଅସମ୍ମାନ କରିବା କିମ୍ବା ଅଣଦେଖା କରିବା ଘୋର ନିନ୍ଦନୀୟ। ଏଭଳି ଅବହେଳାକୁ ବରଦାସ୍ତ କରାଯିବ ନାହିଁ।

**କାଳିନ୍ଦ୍ରୀ ମାଝୀ, ବଲାଙ୍ଗିରବାସୀ**

ବୋଧ ହୁଏ ବିଗତ ବର୍ଷ ଲୋକ ଉତ୍ସବରେ ଘୋର ଦୁର୍ନୀତି ହୋଇଛି। ତେଣୁକରି ଚଳିତବର୍ଷ ଲୋକଉତ୍ସବ ଆୟୋଜନ ହୋଇ ପାରିଲାନାହିଁ। ନଚେତ କାହାକୁ ନ ଜଣାଇ ଗୁପ୍ତ ବୈଠକ ଅନୁଷ୍ଠିତ ହୋଇ ନଥାନ୍ତା। କମିଟି ପରିବର୍ତ୍ତିତ କରାଯାଇଥାଆନ୍ତା। ଆମେ ଲୋକ ଉତ୍ସବକୁ ବିରୋଧ କରୁନୁ। ମନମୁଖୀ ପରିଚାଳନାକୁ ବିରୋଧ କରୁଛୁ।

**ସନ୍ତୋଷ ପଟ୍ଟନାୟକ, ଯୁବ ସମାଜସେବୀ**

### କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ପ୍ରାକ୍-ନିର୍ବାଚନୀ ତାତି !

## ବିଜେପି-ବିଜେଡି ମଧ୍ୟରେ ବାକ୍ୟୁଦ୍ଧ

**କଣ୍ଟାବାଞ୍ଜି, ୬।୨(ସମିସ):** ଅପରାହ୍ନରେ କଣ୍ଟାବାଞ୍ଜି ଉଗ୍ରସେନ ଭବନଠାରେ ଜିଲ୍ଲା ବିଜେପି ସଭାପତିଙ୍କ ସହ ଏକ ପ୍ରତିନିଧି ଦଳକ ପୁଣି ଏକ ସାମ୍ବାଦିକ କରିଛନ୍ତି। ଗତ ରବିବାର ସାଂସଦ ସଂଗୀତା ସିଂଦେଓଙ୍କ ସାମ୍ବାଦିକ ସମ୍ମିଳନୀ ପରେ ସୋମବାର ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା। ଗତ ୫ ବର୍ଷ ମଧ୍ୟରେ ବିଜେପି ସାଂସଦଙ୍କ ଅଧୀନରେ କି କି ବିକାଶ ହୋଇଛି ତା'ର ହିସାବ ମଗା ଯାଇଥିଲା। ଏହାପରେ ମଙ୍ଗଳବାର ବିଜେପି ଶିବିରରେ ଛନକା ପଶିଛି। ଆଗାମୀ ନିର୍ବାଚନ ପୂର୍ବରୁ ବିଜେପି-ବିଜେଡି ମଧ୍ୟରେ ଏହି ବାକ୍ୟୁଦ୍ଧ ଭିତରେ କଣ୍ଟାବାଞ୍ଜି ଅଞ୍ଚଳର ବିକାଶ ଏବେ ବେଶ୍ ଚର୍ଚ୍ଚିତ ରହୁଛି। ଏହାକୁ ନେଇ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ଅଜୟ ଦାସ କହିଛନ୍ତି ଯେ ଗତ ୨୦୧୯ ସାଧାରଣ ନିର୍ବାଚନରେ ସାଂସଦ ଶ୍ରୀମତୀ ସିଂଦେଓ ଦେଇଥିବା ପ୍ରତିଶ୍ରୁତି ପୂରଣ କରିପାରି ନାହାନ୍ତି। ଏବେ ପୁଣି ନିର୍ବାଚନ ପାରି ହେବା ପାଇଁ ବିକାଶର ଦ୍ୱାହି ଦେବା ଆରମ୍ଭ କରିଛନ୍ତି। କଣ୍ଟାବାଞ୍ଜି ୱାଗନ୍ ମରାମତି କାରଖାନା ପ୍ରତିଶ୍ରୁତି ଫମ୍ପା ପାଲଟିଛି। ସେହିପରି ପମ୍ପୁ ତଲାବ ଉଦ୍ଧାର କାର୍ଯ୍ୟରେ ଏପର୍ଯ୍ୟନ୍ତ ମାଟି ଟିକେ ପଡ଼ି ନଥିବା ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ୨୦୧୯ ର ଏହି ପ୍ରତିଶ୍ରୁତି ମଧ୍ୟ ପାଣିରେ ମିଳେଇ ଯାଉଥିବା ସେ ପ୍ରକାଶ କରିଛନ୍ତି। ବିଜେପି ଦାଦନ ସମସ୍ୟା କଥା କହୁଥିଲା ବେଳେ ଏହାକୁ ଦୂର କରିବା ଦିଗରେ ସାଂସଦଙ୍କ ଉଦ୍ୟମ ବାସ୍ତବରେ ପ୍ରତିଫଳିତ ହେଉନାହିଁ; ଯାହା ବି କାର୍ଯ୍ୟ ହେଉଛି କିମ୍ବା ହେବ ବୋଲି ପ୍ରତିଶ୍ରୁତି ଦିଆଯାଉଛି ସେଥିରେ ସ୍ଥାନୀୟ ଗରିବ ଜନସାଧାରଣ ଉପକୃତ ହେବେ ନାହିଁ ବୋଲି ଶ୍ରୀ ଦାସ ଯୁକ୍ତି ବାଢ଼ିଛନ୍ତି। ତେବେ, ସମ୍ବଲପୁର-ବନାରସ ଏକ୍ସପ୍ରେସ ଟ୍ରେନ ସମ୍ପ୍ରସାରଣ ଦ୍ୱାରା ଅଞ୍ଚଳବାସୀଙ୍କୁ ସୁବିଧା ମିଳୁଥିବା ବିଜେପି ପକ୍ଷରୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ବିଜେପି ଜିଲ୍ଲା ସଭାପତିଙ୍କ ସହ ସମ୍ବଲପୁର ରେଳ ମଣ୍ଡଳ ଡିଆରୟୁସିସି ସଭ୍ୟ ଏବଂ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ସେଞ୍ଚୁରିଅନ ବିଦ୍ୟାଳୟରେ ବଜେଟ୍ ବିଶ୍ଳେଷଣ କାର୍ଯ୍ୟକ୍ରମ



**ବଲାଙ୍ଗିର, ୬।୨(ସମିସ):** ଅର୍ଥବ୍ୟବସ୍ଥା ଯେ କୌଣସି ଦେଶର ଆର୍ଥିକ ମାନ ସୁଦୃଢ଼ କରିବାରେ ସହାୟକ ହୋଇଥାଏ। ଅର୍ଥବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଭିତ୍ତିଭୂମିର ଉନ୍ନତିକରଣ ନିତାନ୍ତ ଆବଶ୍ୟକ। ଏଇ ଭିତ୍ତିଭୂମିର ଉନ୍ନତିକରଣ ଓ ଅର୍ଥ ବ୍ୟବସ୍ଥାର ବିଭିନ୍ନ ବିଭାଗ ଯେପରି କୃଷି, ଶିଳ୍ପ ଓ ସେବା କ୍ଷେତ୍ରର ବିକାଶ ପାଇଁ ବଜେଟ ବା ଆର୍ଥିକ ଅଟକଳ ପ୍ରତିବର୍ଷ ଦେଶର ବିତ୍ତୀୟ ମନ୍ତ୍ରଣାଳୟ ଏହା ପ୍ରସ୍ତୁତ ଏବଂ ସଂସଦରେ ଉପସ୍ଥାପିତ କରିଥାଏ। ସମ୍ବିଧାନର ଏହି ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀ ସଚେତନ କରାଇବା ପାଇଁ ସେଞ୍ଚୁରିଅନ ବିଦ୍ୟାଳୟରେ ଅନ୍ତରୀଣ ବଜେଟର ଏକ ବିଶ୍ଳେଷଣାତ୍ମକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏକାଦଶ (କଳା) ଶ୍ରେଣୀର ୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ଆଗାମୀ ଆର୍ଥିକ ବର୍ଷ ପାଇଁ ସଂସଦରେ ଉପସ୍ଥାପିତ ହୋଇଥିବା ଆନ୍ତରୀଣ ବଜେଟର ସମୀକ୍ଷା ଓ ବିଶ୍ଳେଷଣ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ଆର୍ଥିକ ସମସ୍ୟା ଯେପରି ଦାରିଦ୍ର୍ୟ, ବେକାରି ସମସ୍ୟା, ଧାରଣୀୟ ବିକାଶ, ମୁଦ୍ରାସ୍ଫୀତି, ଆନୁଷ୍ଠାନିକ ଓ ଅଣଅନୁଷ୍ଠାନିକ ଋଣ ବ୍ୟବସ୍ଥା, ନାରୀ ସଶକ୍ତିକରଣ, ଯୁବାଶକ୍ତିର ବିକାଶ ପରି ବିଷୟଗୁଡ଼ିକର ବିଶ୍ଳେଷଣ ଓ ଆଲୋଚନା କରିଥିଲେ। ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ପ୍ରଦୀପ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ସେଞ୍ଚୁରିଅନ ବିଦ୍ୟାଳୟର ଉପାଧକ୍ଷା ପୁଣ୍ୟତୋୟା ବିଶ୍ୱାଳଙ୍କ ମାର୍ଗ ଦର୍ଶନରେ କାର୍ଯ୍ୟକ୍ରମଟି ସମାପିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ତମାଳ ଚକ୍ରବର୍ତ୍ତୀ ମଧ୍ୟ ଉପସ୍ଥିତ ଥିଲେ।

## ନୂତନ ପୌରନିର୍ବାହୀ ଅଧିକାରୀଙ୍କ ଯୋଗଦାନ

**ଟିଟିଲାଗଡ଼, ୬।୨(ସମିସ):** ଟିଟିଲାଗଡ ନୂତନ ପୌରନିର୍ବାହୀ ଅଧିକାରୀ ଭାବରେ ମନୋଜ ତାଣ୍ଡି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଶ୍ରୀ ତାଣ୍ଡି ଝାରସୁଗୁଡ଼ା ପୌରନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟରତ ଥିଲେ। ଏହି ଅବସରରେ ବିଭାଗୀୟ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପୌର ପରିଷଦ ଅନ୍ତର୍ଗତ ମୁକ୍ତା ଯୋଜନାରେ ଚାଲିଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ପରିମଳ ବ୍ୟବସ୍ଥାକୁ ପ୍ରାଥମିକତା ଦେବାକୁ ଶ୍ରୀ ତାଣ୍ଡି ପ୍ରକାଶ କରିଛନ୍ତି।




## ମାକ୍ରିରେ ରାମଜୀ ଫୁଟ୍‌ବଲ ପ୍ରତିଯୋଗିତା: ନୂଆପଡ଼ା ଚାମ୍ପିଅନ

**ସଇଁତଲା, ୬।୨(ସମିସ):** ସଇଁତଲା ବ୍ଲକ ମାକ୍ରି ଖେଳ ପଡିଆଠାରେ ଚାଲିଥିବା ଦ୍ୱିତୀୟ ବର୍ଷ ରାମଜୀ ଫୁଟବଲ ପ୍ରତିଯୋଗିତାର ଫାଇନାଲରେ ଟିକ୍ରାପଡ଼ାକୁ ହରାଇ ନୂଆପଡ଼ା ଚାମ୍ପିଅନ୍ ହୋଇଛି। ୧୨ଟି ଦଳ ଭାଗ ନେଇଥିବା ଏହି ପ୍ରତିଯୋଗିତା ଗତ ୨୬ ତାରିଖରୁ ଆରମ୍ଭ ହୋଇଥିଲା। ସୋମବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଡେଙ୍ଗ ପଞ୍ଚାୟତର ସମିତିସଭ୍ୟ ସିମ୍ରନ ସିଂ ଭୋଇ, ସମ୍ମାନିତ ଅତିଥି ଭାବରେ ସଇଁତଲା ବ୍ଲକ ଉପାଧାକ୍ଷା ଗୁଣସାଗର ମାଝୀ ଓ ସ୍ଥାନୀୟ ଧରପଗଡ଼ ପଞ୍ଚାୟତର ଯୁବ ସମାଜସେବୀ ସନ୍ଦୀପ ସିଂ ବାବୁ, ଡ଼ିକି କୁଅର, ସମିତିସଭ୍ୟା ରାକେଶ ନାୟକ, ଦାସ ପ୍ରଧାନ, ରଜନୀ ମହାନନ୍ଦ, ଅମର ଯୋଶୀ ଯୋଗ ଦେଇଥିଲେ। ଖେଳ ପରିଚାଳନା କରିଥିଲେ ଛବି ନାୟକ, ବୁଲୁ ମାଝୀ, ନରେଶ ମାଝୀ। ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




### ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ

## ଫାଇନାଲରେ ଏସ୍‌ଏସ୍‌ଭିଏମ୍ ବ୍ରଜବିହାର

**ଭବାନୀପାଟଣା, ୬।୨(ସମିସ) :** ଓଡ଼ିଶା କ୍ରିକେଟ ଆସୋସିଏସନ୍ ଓ କଳାହାଣ୍ଡି ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ଭବାନୀପାଟଣା ସ୍ଥିତ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏସ୍‌ଏସ୍ ଭିଏମ୍ ବ୍ରଜବିହାର ଓ ହାଇଟେକ୍ ପବ୍ଲିକ ସ୍କୁଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ହାଇଟେକ୍ ପବ୍ଲିକ ସ୍କୁଲ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୩୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା। ୧୬୫ ରନର ବିଜୟ ଲକ୍ଷ୍ୟ ନେଇ ଏସ୍ ଏସ୍ ଭିଏମ୍ ବ୍ରଜବିହାର ପଡ଼ିଆକୁ ଓହ୍ଲାଇ ୨୦.୨ ଓଭରରେ ୪ ଉଇକେଟ ବିନିମୟରେ ମ୍ୟାଚ୍ ବିଜୟୀ ହୋଇଥିଲା। ଏସ୍ ଏସ୍ ଭିଏମ୍ ବ୍ରଜବିହାରର ଦେବ ସ୍ୱରୂପ ଶବର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବୀନ୍ଦ୍ର ନାଏକ ଓ ସିଏସ୍. ତେଜେଶ୍ୱର ଆଚାର୍ଯ୍ୟ ଖେଳ ପରିଚାଳନା କରିଥିଲେ। ସ୍କୋରର ଅମୀୟ ସେନାପତି, ମାନୁଆଲ ସ୍କୋର କାର୍ଡରେ ମଳୟ ଦିୱାଡ଼ି ରହିଥିବାବେଳେ ସୌରଭ ପ୍ରସାଦ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ସେମଫାଇନାଲର ମୁଖ୍ୟ ଅତିଥିଭାବେ ଆଇପିଇ ସଞ୍ଜୟ ମିଶ୍ର, କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡ଼ିଶା ଅଲମ୍ପିକ ଆସୋସିଏସନର ସଭାପତି ଜଗମୋହନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନିଲ କୁମାର ବେହେରା, ବରିଷ୍ଠ ସହ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଚକ୍ରଧର ସେଠୀ, କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ମହମ୍ମଦ ଅବଦୁଲ କାଦର, ସର୍ଦ୍ଦାର ନିର୍ମଳ ସିଂ, ବରିଷ୍ଠ ସଭ୍ୟ ଭିକାରି ଚରଣ ମିଶ୍ର, ବରିଷ୍ଠ ସଭ୍ୟ ବିପିନ ମିଶ୍ର, ଜିତେନ୍ଦ୍ର କୁମାର ପଟ୍ଟନାୟକ, ସୁରେଶ ଗଉଡ ପ୍ରମୁଖ ଯୋଗ ଦେଇଥିଲେ।




### ବିଦ୍ୟୁତ ଆଘାତରେ ମହେନ୍ଦ୍ର ନାଏକଙ୍କ ମୃତ୍ୟୁ ଘଟଣା

## ମାନବାଧିକାର କମିଶନଙ୍କ ନିର୍ଦ୍ଦେଶରେ ମୃତ ପରିବାରକୁ ଶକ୍ତିବିଭାଗର କ୍ଷତିପୂରଣ

**ଥୁଆମୂଳ ରାମପୁର, ୬।୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବଡ଼ଛତରଙ୍ଗ ଗ୍ରାମର ମହେନ୍ଦ୍ର ନାଏକ ବିଦ୍ୟୁତ ଆଘାତରେ ଆସି ମୃତ୍ୟୁବରଣ କରିଥିଲେ। ଜାତୀୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ମୃତ ପରିବାର ବର୍ଗଙ୍କୁ ଶକ୍ତି ବିଭାଗ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ ୨୪ ଅକ୍ଟୋବର ୨୦୨୧ ରେ ଥୁଆମୂଳ ରାମପୁର ବ୍ଲକ ବଡ଼ଛତରଙ୍ଗ ଗ୍ରାମର ୩୮ ବର୍ଷୀୟ ଯୁବକ ମହେନ୍ଦ୍ର ନାଏକ ଗାଁ ନିକଟ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ୨୦୨୧ ଅକ୍ଟୋବରରେ ଘଟିଥିବା ଏହି ଦୁଃଖଦ ଘଟଣା ବାବଦରେ ମାନବାଧିକାର କର୍ମୀ ତଥା ଅନ୍ତୋଦୟ ଅନୁଷ୍ଠାନର ଅଧକ୍ଷ ଦିଲ୍ଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ମହେନ୍ଦ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଥିଲେ। କମିଶନଙ୍କ ପକ୍ଷରୁ ଏହି ମାମଲାକୁ ଗ୍ରହଣ କରି ବିଭାଗୀୟ ଅଧିକାରୀମାନଙ୍କୁ ନୋଟିସ ଜାରି କରିଥିଲେ। କମିଶନଙ୍କ ନୋଟିସ ପରେ ଶକ୍ତି ବିଭାଗ ଅଧିକ୍ଷଣ ଯନ୍ତ୍ରୀ ତଥା ବିଦ୍ୟୁତ ନିରୀକ୍ଷକ ତଦନ୍ତ କରି ସବିଶେଷ ରିପୋର୍ଟ ପ୍ରଦାନ କରିଥିଲେ। ବିଦ୍ୟୁତ ନିରୀକ୍ଷକ ତାଙ୍କ ରିପୋର୍ଟରେ ଟାଟା ପାୱାର (ଟିପିଡ଼ବ୍ଲ୍ୟୁଓଡ଼ିଏଲ)ର ଅବହେଳା ଯୋଗୁ ଏପରି ଚୋରା ବିଦ୍ୟୁତ ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ। କମିଶନ ମହେନ୍ଦ୍ରଙ୍କ ମାନବାଧିକାର ଉଲ୍ଲଘଂନ ନିମନ୍ତେ ଟାଟା ପାୱାର ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ୧୨ ସେପ୍ଟେମ୍ବର ୨୦୨୩ରେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଟାଟା ପାୱାର ଜରିଆରେ ମହେନ୍ଦ୍ର ନାଏକଙ୍କ ବିଧବା ପତ୍ନୀ ମଞ୍ଜୁଳା ନାଏକଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

## ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସରେ ପ୍ରଦୀପଙ୍କ ପ୍ରତିନିଧିତ୍ୱ

**ଭବାନୀପାଟଣା, ୬।୨(ସମିସ):** ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାର ଏନସିସି କ୍ୟାଡେଟ୍ ପ୍ରଦୀପ ମହାନନ୍ଦ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଫ୍ରାନ୍ସର ପ୍ରଧାନମନ୍ତ୍ରୀ ତଥା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ସେଠାରେ ଯୋଗଦେବା ପୂର୍ବରୁ ନିଜର ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ଏହା ସମଗ୍ର କଳାହାଣ୍ଡି ପାଇଁ ମଧ୍ୟ ଏକ ଗର୍ବର ମୁହୂର୍ତ୍ତ। ଏଥିପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଜି ଦିଲ୍ଲୀରୁ ପହଁଞ୍ଚିବା ପରେ ମା' ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବି କାନୁନଗୋଙ୍କ ଅଧକ୍ଷତାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଚଳନ୍ତା ଟ୍ରେନ୍‌ରୁ ଡେଇଁ ମହିଳା ଗୁରୁତର

**ସଇଁତଲା, ୬।୨(ସମିସ):** ସଇଁତଲା ଥାନା ଅନ୍ତର୍ଗତ ଚାଲନ୍ତା ଟ୍ରେନରୁ ଡ଼େଇଁ ଜଣେ ମହିଳା ଗୁରୁତର ହୋଇଛନ୍ତି। ମହିଳା ଜଣକ ବେନିଆଁ ବନ୍ଧ ଗ୍ରାମର ସୌଦାମିନି ଦୀପ। ଟିଟିଲାଗଡ଼କୁ କୌଣସି କାମରେ ଯାଇ ସଇଁତଲାକୁ ଫେରୁଥିବା ବେଳେ ଭୁଲବଶତଃ ନାଦେଡ ସମ୍ବଲପୁର ଦ୍ରୁତଗାମୀ ଟ୍ରେନରେ ଚଢ଼ି ଯାଇଥିଲେ। ଟ୍ରେନଟି ସଇଁତଲାରେ ରହଣି ନଥିବା ବେଳେ ଷ୍ଟେସନରେ ଗତି ଧୀର ହୋଇଥିଲା। ଫଳରେ ଟ୍ରେନରୁ ଡ଼େଇଁ ପଡ଼ିଥିଲେ। ମୁଣ୍ଡରେ ଗଭୀର ଆଘାତ ହେବାରୁ ସ୍ଥାନୀୟ ଲୋକେ ସଇଁତଲା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିବା ଜଣାପଡିଛି।

## ଦେଓଗାଁରେ ନୂତନ ଥାନାଧିକାରୀଙ୍କ ଯୋଗଦାନ

**ଦେଓଗାଁ, ୬।୨(ସମିସ):** ଦେଓଗାଁ ଥାନାରେ ନୂତନ ଥାନାଧିକାରୀ ଭାବେ ହରୀବନ୍ଧୁ ଗଡ଼ତ୍ୟା ମଙ୍ଗଳବାର ଯୋଗ ଦେଇଛନ୍ତି। ସେ ବଙ୍ଗୋମୁଣ୍ଡା ଥାନାରେ କାର୍ଯ୍ୟରତ ଥିଲେ। ଦେଓଗାଁ ଅଞ୍ଚଳରେ ଆଇନଶୃଙ୍ଖଳା ନିୟନ୍ତ୍ରଣ ସହ ବେଆଇନ ମଦ ବିକ୍ରି, ଚୋରି, ସଟ୍ଟା, ଜୁଆଖେଳ, ଗଞ୍ଜେଇ ଚାଲାଣ ରୋକିବା କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନକୁ ସମସ୍ତଙ୍କ ସହ ସମନ୍ୱୟ ରଖି ନିର୍ବାଚନ ପରିଚାଳନା ଦିଗରେ ଜନସାଧାରଣଙ୍କ ସହଯୋଗ ଲୋଡିଛନ୍ତି। ପ୍ରକାଶ ଯେ ଏଠାରେ କାର୍ଯ୍ୟରତ ଥାନାଧିକାରୀ ତାରାବତୀ ପଧାନଙ୍କୁ ପାଟଣାଗଡ଼ ଥାନାକୁ ବଦଳି ହୋଇଛି।



# ଦାନର ମହତ୍ତ୍ୱକୁ ବୁଝିପାରିଛି ବେଦାନ୍ତ ଲାଞ୍ଜିଗଡ଼

**ଭବାନୀପାଟଣା, ୬।୨(ସମିସ)**

ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ଭାରତର ମେଟାଲୋଜିକାଲ୍ ଗ୍ରେଡ୍ ଆଲୁମିନିୟମ୍‌ର ଉତ୍ପାଦନକାରୀ ତଥା ବେଦାନ୍ତ ଆଲୁମିନିୟମ୍‌ର ଏକ ଅଂଶ। ନିକଟରେ ଲାଞ୍ଜିଗଡ଼ରେ ସ୍ଥାନୀୟ ଅଧିବାସୀ ତଥା ଭିନ୍ନ ଭିନ୍ନ ସମ୍ପ୍ରଦାୟ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ଦାନ କରିବାର ଆନନ୍ଦକୁ ପାଳନ କରିଛି। ଏହି ଅବସରରେ ୫ଟି ବିଭିନ୍ନ ଗ୍ରାମକୁ ଯାତ୍ରାକରି ୫୦୦ରୁ ଅଧିକ ସମ୍ପ୍ରଦାୟର ସଦସ୍ୟଙ୍କ ନିକଟରେ ପହଞ୍ଚିଥିଲେ। ନୂତନ ପୋଷାକ ଏବଂ କମ୍ବଳ ବଣ୍ଟନ, ପୁଷ୍ଟିକର ଖାଦ୍ୟ, କ୍ରୀଡା ଉପକରଣ, ପିଲାମାନଙ୍କ ପାଇଁ ଚକୋଲେଟ୍ ଏବଂ ସ୍ନାକ୍ସ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହିତ ନୃତ୍ୟ ପରି ବିଭିନ୍ନ ମଜାଳିଆ କାର୍ଯ୍ୟ ତଥା ସମ୍ପ୍ରଦାୟର ସଦସ୍ୟମାନଙ୍କ ସହିତ ଗୀତ ଗାଇବା, ସ୍ଥାନୀୟ ସଂସ୍କୃତିରେ ନିୟୋଜିତ ହୋଇ ଏହି ଦିନଟିକୁ ଏକ ହୃଦୟସ୍ପର୍ଶୀ ଭାବେ ପାଳନ କରିଥିଲେ। ଏହି ଅବସରରେ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ- ଆଲୁମିନା ବ୍ୟବସାୟ, ବେଦାନ୍ତ ଲିମିଟେଡ୍ କହିଛନ୍ତି ଯେ ଯେତେବେଳେ ଆମେ ବିଭିନ୍ନ ସଂସ୍କୃତିକୁ ଗ୍ରହଣ କରୁ ସେତେବେଳେ ଗୁରୁତ୍ୱପୂର୍ଣ୍ଣ ଘଟଣାଗୁଡ଼ିକ ସ୍ମରଣୀୟ ହୋଇଯାଏ। ସମ୍ପ୍ରଦାୟ ସହିତ ଘନିଷ୍ଠ ସମ୍ପର୍କ ସୃଷ୍ଟି ତଥା ଅର୍ଥପୂର୍ଣ୍ଣ ସଂଯୋଗ ସ୍ଥାପନ କରିବା ହିଁ ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ପ୍ରୟାସ। ଏହି ପଦକ୍ଷେପକୁ ପ୍ରଶଂସା କରି ଆନଜୋଡି ଗ୍ରାମର ସରପଞ୍ଚ ଚଞ୍ଚଳା ମାଝୀ ପ୍ରକାଶ କରିଛନ୍ତି, ଯେତେବେଳେ ସମାଜ କଲ୍ୟାଣ କଥା ଉଠେ ସେତେବେଳେ ବେଦାନ୍ତ ଲାଞ୍ଜିଗଡ଼ ସର୍ବଦା ଆଗରେ ରହିଆସିଛି। ଏହିପରି ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଆମକୁ ଭେଟିବା, ଆମ ସହିତ ଖାଇବା ଏବଂ ପିଲାମାନଙ୍କ ସହିତ ଜଡିତ ହେବା ଏକ ଉଲ୍ଲେଖନୀୟ ମୁହୂର୍ତ୍ତ। ସ୍ଥାୟୀ ଜୀବିକା, ଗୁଣାତ୍ମକ ଶିକ୍ଷା, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ, ଜଳ ଏବଂ ପରିମଳ ଏବଂ ସମ୍ପ୍ରଦାୟର ଭିତ୍ତିଭୂମି କ୍ଷେତ୍ରରେ ବେଦାନ୍ତ ଲାଞ୍ଜିଗଡ଼ର ସାମାଜିକ ହସ୍ତକ୍ଷେପ ୬୭ରୁ ଅଧିକ ଗ୍ରାମ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଛି। ଏହା ୩୭୮ ରୁ ଅଧିକ ଏସଏଚଜି ରୁ ୪୦୦୦ ରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି, ବାର୍ଷିକ ପ୍ରାୟ ୬୦, ୦୦୦ ଲୋକଙ୍କୁ ଗୁଣାତ୍ମକ ଏବଂ ଦ୍ୱାରସ୍ଥ ସ୍ୱାସ୍ଥ୍ୟସେବା ଯୋଗାଉଛି। ଲାଞ୍ଜିଗଡ଼ର ପ୍ରଥମ ଇଂରାଜୀ-ମାଧ୍ୟମ ବିଦ୍ୟାଳୟ ଡିଏଭି ବେଦାନ୍ତ ଆନ୍ତର୍ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରିଛି, ଅତ୍ୟାଧୁନିକ ସୁବିଧା ସହିତ ସଜ୍ଜିତ ୨୦୦ ରୁ ଅଧିକ ନନ୍ଦ ଘରରେ ୪୦୦୦ ଶିଶୁ ଏବଂ ୮୦୦ ମହିଳାଙ୍କୁ ପ୍ରତିପୋଷଣ କରିବା ଏବଂ କ୍ରୀଡା ଏବଂ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ପ୍ରାୟ ୨୦୦ ଯୁବକଙ୍କୁ ସଶକ୍ତ କରିଛି।



## ସମଲେଇ ପ୍ରକଳ୍ପକୁ ଦେଖି ଶ୍ରଦ୍ଧାଳୁଙ୍କ ମନରେ ଭକ୍ତି, ଉତ୍ସାହ

**ସମ୍ବଲପୁର, ୬।୨(ସମିସ):** ସମ୍ବଲପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ସମଲେଇଙ୍କ ପ୍ରକଳ୍ପ ଲୋକାର୍ପଣ ପରେ ଭକ୍ତମାନଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ମା ସମଲେଇଙ୍କ ଦର୍ଶନ ପାଇଁ ବିଭିନ୍ନ ନିର୍ବାଚନ ମଣ୍ଡଳର ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ସରକାରଙ୍କ ପକ୍ଷରୁ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ସୋନପୁର ଜିଲ୍ଲାର ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର, ସୁନ୍ଦରଗଡ଼ର ତଳସରା ଏବଂ ବୀରମିତ୍ରପୁର ନିର୍ବାଚନ ମଣ୍ଡଳର ଭକ୍ତମାନେ ଆସି ମାଙ୍କୁ ଦର୍ଶନ କରିଛନ୍ତି। ଭକ୍ତମାନେ କିପରି ସୁବିଧାରୁ ରୂପେ ଦର୍ଶନ କରିବେ ସେଥିପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିରରେ ପଡ଼ିଆରେ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହେବାସହ ହୁଳହୁଳି ପ୍ରକମ୍ପିତ ହେଉଛି। ଏହାସହ ଭକ୍ତଙ୍କ ଜୟ ମାଁ ସମଲେଶ୍ୱରୀ ଧ୍ୱନିରେ ପରିବେଶରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହେଉଛି।



### ପାର୍କିଂ ପାଇଁ ଲୁଚି ଯାଉଛି କଳା, ସଂସ୍କୃତିର ଝଲକ

# ବ୍ୟବସ୍ଥିତ ପାର୍କିଂ ପ୍ରତି ପ୍ରଶାସନିକ ଉଦାସୀନତା

**ସମ୍ବଲପୁର, ୬।୨(ସମିସ)**

ସମ୍ବଲପୁର ସମଲେଇ ପରିକ୍ରମା ପ୍ରକଳ୍ପ ପ୍ରବେଶ ପଥ ସହ ପୁରା ସହରକୁ ସଜେଇ ଦିଆଯାଇଛି। କେଉଁଠି ଆଲୋକ ମାଳାରେ ଓ କାନ୍ଥ ବାଡ଼ରେ ସ୍ଥାନୀୟ କଳା ସଂସ୍କୃତି ଐତିହ୍ୟ ପରମ୍ପରାକୁ ନେଇ କଳାକାରମାନଙ୍କ ନିଖୁଣ କାରିଗରୀ ଦେଖିବାକୁ ମିଳୁଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହୋଇ ସାରିଛି। ହେଲେ ରାସ୍ତା ଉପରେ ଗାଡ଼ି ପାର୍କିଂ କରା ଯାଉଥିବାରୁ ଏହି ଆଖି ଲୋଭା କଳାର ଝଲକ ଗାଡ଼ି ପଛରେ ଲୁଚି ଯାଉଛି। ଯାହାକୁ ନେଇ ପରିବେଶବିତ୍, କଳାପ୍ରେମୀ, ପର୍ଯ୍ୟଟକଙ୍କ ଅସନ୍ତୋଷ ଓ ନିରାଶ ହେଉଥିବା ଦେଖିବାକୁ ମିଳୁଛି।

ସମଲେଇ ପ୍ରକଳ୍ପ ଲୋକାର୍ପଣ ହେବା ପରେ ପଶ୍ଚିମାଞ୍ଚଳ ତଥା ରାଜ୍ୟର ବାହାରୁ ମଧ୍ୟ ଏ ସହରକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ଫଳରେ ସମ୍ବଲପୁର ସହରରେ ଭିଡ଼ ଏବେ ଦ୍ୱିଗୁଣିତ ହୋଇଛି। ରାଜ୍ୟ ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ଉଦ୍ୟମରେ ସହର ହୋଇଛି ସରସ ସୁନ୍ଦର। ସହରର ସବୁଠି ଦେଖିବାକୁ ମିଳୁଛି ସାଜସଜ୍ଜା। କେଉଁଠି ଢୋଲ୍ ନିଶାନ ତାସା, କାନ୍ଥରେ ସମ୍ବଲପୁରୀ ଗୀତ ନୃତ୍ୟର ଐତିହ୍ୟର ଗାଥା ବହନ କରୁଛି। ପୁଣି କେଉଁଠି ଚିତ୍ର ଶିଳ୍ପୀର ତୂଳୀରେ ପକ୍ଷୀ ଆକାଶକୁ ଉଡ଼ି ତାକୁ ଛୁଇଁ ବାର ପ୍ରୟାସ କରୁଛି। ପୁରା ସମ୍ବଲପୁର ନୀଳ, ସବୁଜ ତଥା ଅନ୍ୟ ରଙ୍ଗରେ ରଙ୍ଗୀନ୍ ଲାଗୁଛି। ସମ୍ପନ୍ନ ଚିତ୍ର, ପୁରଣା ଐତିହ୍ୟର ସ୍ମୃତି ମନେ ପକାଇ ଦେଇଛି। ପର୍ଯ୍ୟଟକ ସମ୍ବଲପୁର ଆସି ସମ୍ବଲପୁରୀ କପଡ଼ା, ପୋଷାକ, ଶାଢୀ କିଣୁଛନ୍ତି। ସମଲେଶ୍ୱରୀ,



ଯାହା ସମ୍ବଲପୁର ଜିଲ୍ଲବାସୀଙ୍କ ପାଇଁ ବଡ ଉପଲବ୍ଧି ଓ ଖୁସିଖବର ମଧ୍ୟ। ଯାହାକୁ ଦେଖିବା ପାଇଁ ରାସ୍ତାରେ ଯିବା ଆସିବା କରୁଥିବା ଲୋକମାନଙ୍କ ଗାଡ଼ି ମଧ୍ୟ ଅଟକି ଯାଉଛି। ସମଲେଇ ପ୍ରକଳ୍ପ ପାଇଁ ଅଙ୍କାଯାଇଥିବା ଐତିହ୍ୟ, ସଂସ୍କୃତି, ପରମ୍ପରାର ପାଟଣେଶ୍ୱରୀ, ହୁମା ବକ୍ର ମନ୍ଦିର, ହୀରାକୁଦ, ଡାଇକ, ଘଣ୍ଟେଶ୍ୱରୀ ଓ ଅନ୍ୟାନ ପିକନିକ୍ ସ୍ଥାନକୁ ବୁଲି ଦେଖୁଛନ୍ତି। କାନ୍ଥଗୁଡ଼ିକ ଏମିତି ଶୈଳୀରେ ସଜାଯାଉଛି ଯେ, ଯେକେହି ବି ଚିତ୍ର ଗୁଡିକ ଦେଖିଲେ ଜୀବନ୍ତ ଭାବିବ। ମହାପୁରୁଷଙ୍କ ପ୍ରତିଛବି ସହ ଶୋଭାପାଉଛି ଆଦିବାସୀ ସଂସ୍କୃତି ଓ ପରମ୍ପରା। କିନ୍ତୁ, ବିଡମ୍ବନାର ବିଷୟ ଏହା ଯେ, ଲୋକେ ନିଜର କଳା, ସଂସ୍କୃତିକୁ ଭୁଲି ନିଜ ଗାଡ଼ି କଥା ପ୍ରଥମେ ଚିନ୍ତା କରୁଛନ୍ତି। ଯିଏ ଯେଉଁଠି ଇଚ୍ଛା ଗାଡ଼ି ପାର୍କିଂ କରୁଛି। ସହରର ଓଭର ବ୍ରିଜ୍‌ଠୁ ଆରମ୍ଭ କରି ଗୋଲବଜାର ଯାଏଁ ଲୋକେ ଭୁଲି ଗଲେଣି ଯେ, ସେମାନେ ପାର୍କିଂ କରୁଥିବା ଜାଗାରେ ସମ୍ବଲପୁରର ଐତିହ୍ୟର ଚିତ୍ର ଲୁଚି ଯାଉଛି। ସ୍ଥାୟୀ ପାର୍କିଂର ବ୍ୟବସ୍ଥା ନଥିବାରୁ ଏମିତି ବେଆଇନ ପାର୍କିଂ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଗାଡ଼ି ପାର୍କିଂକୁ ନେଇ ସ୍ଥାନୀୟ ଯୁବତୀ କହିଛନ୍ତି, ଏବେ ସହରରେ ଗାଡ଼ି ପାର୍କିଂ ଏକ ବଡ ସମସ୍ୟା। ସେଥିପାଇଁ ଲୋକେ ଏହି ସବୁ ଐତିହ୍ୟ ଚିତ୍ର ଅଙ୍କା ଯାଇଥିବା ସ୍ଥାନରେ ବାଧ୍ୟ ହେଉଛି ଗାଡ଼ି ପାର୍କିଂ କରୁଛନ୍ତି। ଏସଏମସି କି ଜିଲ୍ଲା ପ୍ରଶାସନ ଏଥିପାଇଁ ସଜାଗ ନଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସତେ ଯେମିତି ଏସଏମସି ସବୁ କିଛି ଜାଣି ଶୁଣି କୌଣସି ପଦେକ୍ଷପ ନ ନେଇ ଘୋର ନିଦ୍ରାରେ ଶୋଇ ପଡ଼ିଥିବା ଆଲୋଚନା ହେଲାଣି। ବହୁ ସଂସ୍କୃତି ବିତ୍ ଓ ବୁଦ୍ଧିଜୀବୀ ଏଭଳି କାର୍ଯ୍ୟକୁ ତୀବ୍ର ନିନ୍ଦା କରିଛନ୍ତି। ତେବେ ଦେଖିବାକୁ ରହିଲା ନିଦ କେବେ ଭାଙ୍ଗୁଛି ଓ ସେମାନେ ଏ ସମସ୍ୟାର ସମାଧାନ ପାଇଁ କେବେ ଆଗେଇ ଆସୁଛନ୍ତି।

## ଚାପମୁକ୍ତ ମେଟ୍ରିକ୍ ପରୀକ୍ଷା ପାଇଁ ପରାମର୍ଶ ସେବା

**ସମ୍ବଲପୁର, ୬।୨(ସମିସ):**ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ତରଫରୁ ଆଜି ମେଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀ ଚାପମୁକ୍ତ ହୋଇ କିପରି ଭାବରେ ପରୀକ୍ଷା ଦେଇପାରିବେ ଓ ସଫଳତା ଲାଭ କରିପାରିବେ ତାହା ଉପରେ ଏକ ପରାମର୍ଶ ସେବା ଯୋଗେଇ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଦଶମଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଜଣଜଣ କରି ଆବଶ୍ୟକତା ଅନୁସାରେ ପ୍ରତ୍ୟକ୍ଷ ପରାମର୍ଶ ତଥା ସାମୁହିକ ପରାମର୍ଶ ଦିଆଯାଇଥିଲା।ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହୁଥିବା ପରୀକ୍ଷା ପ୍ରତି ଭୟ, ନିରାଶାଭାବ ଓ ତାହାର ନିରାକରଣ ଉପରେ ମନସ୍ତାତ୍ତ୍ୱିକ ଅନୁଶୀଳନ କରାଯାଇ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ମୁଖ୍ୟ ଡ. ସଞ୍ଜୁକ୍ତା ପାଢ଼ୀ, ଅଧ୍ୟାପିକା ଡ. ରୂପଶ୍ରୀ ଗୋସ୍ୱାମୀ, ଡ. ରୂପଶ୍ରୀ ବ୍ରହ୍ମକୁମାରୀ, ପୁଷ୍ପା ହେମ୍ବ୍ରମ୍, ସୁଧାଂଶୁ ଆଚାର୍ଯ୍ୟ ଏବଂ ସୁଶ୍ରୀ କୌଶଲ୍ୟା ବେହେରା, ବୁଢ଼ାରଜା ସ୍କୁଲର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ପ୍ରମୁଖ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ସୁଧାମୟୀ ପ୍ରଧାନ, ତନୟ ପ୍ରଧାନ, ଜୟନ୍ତୀ ହୋତା, ଅନୁବିନ୍ଦା ଦାଶ, ବରିଷ୍ଠ ଶିକ୍ଷକ ହରି ନାରାୟଣ ପଣ୍ଡା, ଦେବଶ୍ରୀ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



## ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଅଂଶ ଗ୍ରହଣ କଲେ ଭିସୁଟ୍ ର ଛାତ୍ରଛାତ୍ରୀ

**ବୁର୍ଲା, ୬।୨(ସମିସ):** ଭୁବନେଶ୍ୱରରେ ଚାଲିଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀରେ ଭିସୁଟ୍‌ର ଛାତ୍ରଛାତ୍ରୀ ଅନଲାଇନ ଯୋଗେ ଭାଗ ନେଇଥିଲେ। ବିଜୁ ପଟ୍ଟନାୟକ୍ ଇ-ଲର୍ଣ୍ଣିଙ୍ଗ ସେଣ୍ଟର୍ ଭିସୁଟ୍‌ର ୧୪୦ଜଣ ସ୍ନାତକ ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀ ଅନଲାଇନ ଯୋଗେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଗବେଷଣାକୁ ପ୍ରାଧାନ୍ୟ ଦେବା ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ପ୍ରଧାନ ଲକ୍ଷ୍ୟ। ଏହି ସମ୍ପର୍କରେ ବକ୍ତାମାନେ ଅଭିଭାଷଣ ଦେଇଥିଲେ ଏବଂ ୨୦୩୬ ସୁଧା ଓଡ଼ିଆକୁ ବିଜ୍ଞାନ, ମେଡ଼ିକାଲ, ଇଞ୍ଜିନିୟରିଂ, କୃଷି ଓ ଉଦ୍ୟୋଗ କ୍ଷେତ୍ରରେ ଆଗୁଆ କରାଇବାରେ ଯୁବବର୍ଗର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କୁଳପତି ପ୍ରଫେସର ବଂଶୀଧର ମାଝୀ ଓ ରେଜିଷ୍ଟ୍ରାର ପ୍ରଦୀପ ଡାଙ୍ଗଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଉତ୍ସବରେ ଉପସ୍ଥିତ ଥିଲେ। ସ୍ୱପ୍ନେନ୍ଦୁ ମହାନ୍ତି, ମୁଖ୍ୟ ଫିନଟେକ୍ ଅଫିସର, ଏମ୍‌ଏଏସ୍, ସିଙ୍ଗାପୁର ସରକାର, ସଲ୍କ ଇନଷ୍ଟିଚ୍ୟୁଟ୍ ଫର ବାୟୋଲୋଜିକାଲ ଷ୍ଟଡିଜର ପ୍ରଫେସର ସତଚିନ ପଣ୍ଡା ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଏହି ଉତ୍ସବରେ ସମର୍ଥିତ କରାଯାଇଥିଲା। ଭିସୁଟ୍ ର ଅନଲାଇନ୍ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଡ. ତୃପ୍ତି ରଞ୍ଜନ ମହାପାତ୍ର ଓ ଛାତ୍ର କଲ୍ୟାଣ ବିଭାଗର ଆସୋସିଏଟ୍ ଡିନ୍ ଡ. ପୁଣ୍ୟପ୍ରିୟା ମିଶ୍ର ସଂଯୋଜନା କରିଥିଲେ।

## ନାରୀବନ୍ଦୀ ନିକେତନରେ ସେବା କାର୍ଯ୍ୟ

**ସମ୍ବଲପୁର, ୬।୨ (ସମିସ):**ସମ୍ବଲପୁର ନାରୀ ବନ୍ଦୀ ନିକେତନରେ ସମାଜସେବୀ ହରଦୀପ ସିଂ ଭୁର୍ଜି (ବବି ଭାଇ)ଙ୍କ ସୌଜନ୍ୟରୁ ମହିଳା ବନ୍ଦୀମାନଙ୍କୁ ଶାଢୀ ବଣ୍ଟନ କରାଯାଇଛି।ତାସହ ନିକେତନକୁ ହିନ୍ଦୀ ଓ ଓଡ଼ିଆ ଭାଗବତ ଗ୍ରନ୍ଥ ସହ ବହୁ ହିନ୍ଦୀ ଓ ଓଡିଆ ଧାର୍ମିକ ବହି ଗୁଡିକ ପ୍ରଦାନ କରାଗଲା। ଛୋଟ ଛୁଆମାନଙ୍କୁ ପୋଷାକ ସହିତ ସମସ୍ତଙ୍କ ପାଇଁ ଜଳପାନ ବ୍ୟବସ୍ଥା କରାଯାଇଥିଲା।ଆଜି ଏହି କାର୍ଯ୍ୟକ୍ରମରେ ନାରୀ ବନ୍ଦୀ ନିକେତନର ମୁଖ୍ୟ ଅଧିକ୍ଷକ ରୁନିବାଲା ଦେଇଙ୍କୁ ପୁଷ୍ପ ଗୁଚ୍ଛ ଏବଂ ସାଲ ଦେଇ ଅଭିନନ୍ଦନ ଜଣାଯାଇଥିଲା।ଏହିଠୁ ମୁକ୍ତ ହେଲା ପରେ ସତ୍ ଓ ଧର୍ମ ପଥରେ ରହି ଜୀବନ ପଥରେ ଆଗକୁ ବଢିବା ଏବିଂ ସମାଜରେ ଅନ୍ୟ ମାନଙ୍କର ପାଇଁ ଉଦାହରଣ ସହିତ ଇତିହାସ ସୃଷ୍ଟି କରିବା ପାଇଁ ବବି ଭାଇ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ସମାଜସେବୀ ସସ୍ମିତା ଦୀପ, ସୂରେଖା ସାହୁ, ମମତା ପଣ୍ଡା, ଲିଲୀମା ମଲ୍ଲିକ, ବେବୀ ବାରିକ ଆଇନଜୀବୀ ସବିନୟ ପୂଜାରୀ, ହରିହର ପାଣି, ପ୍ରଶାନ୍ତ ନାୟକ, ହରେକୃଷ୍ଣ ସରାଫ, ନବୀନ ପଣ୍ଡା ଆଦି ସହଯୋଗ କରି ମୁଖ୍ୟ ଭୂମିକା ତୁଲାଇ ଥିଲେ।



## ସମ୍ବଲପୁର ହାଫ୍ ମାରାଥନ ଆୟୋଜନ ନେଇ ବୈଠକ

**ସମ୍ବଲପୁର, ୬।୨ (ସମିସ):** ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମ୍ବଲପୁର ହାଫ୍ ମାରାଥନ ଆୟୋଜନ ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଏହି ଆୟୋଜନ ଉପରେ ମୁଖ୍ୟତ ଆଲୋଚନା କରାଯାଇଥିଲା। ଆସନ୍ତା ୧୧ ଫେବୃଆରୀରେ ହେବାକୁ ଥିବା ଏହି ମାରାଥନକୁ ଆୟୋଜନ କରୁଛି ସମ୍ବଲପୁର ଜିଲ୍ଲା ପ୍ରଶାସନ। ସମ୍ବଲପୁର ତଥା ସାରା ଓଡ଼ିଶାକୁ ଜୀବନ ରେଖା ଭାବେ ପରିଚିତ ମହାନଦୀର ମହତ୍ୱ ଓ ଏହାକୁ ସ୍ୱଚ୍ଛତା ରଖିବା ବାର୍ତ୍ତା ନେଇ ଅଧିକ ଜନଜାଗରଣ ସୃଷ୍ଟି ପାଇଁ ଜିଲ୍ଲା ପ୍ରଶାସନ ଏହି ମାରାଥନ ଆୟୋଜନ କରୁଥିବା ସୂଚନା ମିଳିଛି।



## ସମ୍ବଲପୁର ମହୋତ୍ସବ ପାଇଁ ବୈଠକ



**ସମ୍ବଲପୁର, ୬।୨(ସମିସ):**ଅଇଁଠାପାଲି ସ୍ଥିତ ଡଲଫିନ୍ ହୋଟେଲରେ ସମ୍ବଲପୁର ମହୋତ୍ସବ ଆୟୋଜନ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆସନ୍ତା ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲିସ୍ଥିତ ପିଏଚଡ଼ି ପଡ଼ିଆରେ ଏହି ସମ୍ବଲପୁର ମହୋତ୍ସବ ଆୟୋଜନ ହେବାକୁ ଥିବା ବେଳେ ଏଥିରେ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହାସହ ପିଏଚଡ଼ି ପଡ଼ିଆରେ ମିନାବଜାର ତଥା ବିଭିନ୍ନ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ସେହିପରି ପ୍ରଥମ ଦିନ ସମଲେଶ୍ୱରୀଙ୍କ ମନ୍ଦିରରୁ ସ୍ୱତନ୍ତ୍ର ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରିବ।ଏନେଇ ଆୟୋଜକ ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସପନ ମିଶ୍ର, ଦୁର୍ଗା ଦାସ, ପାର୍ବତୀ ସେଠ, ସଦାନନ୍ଦ ପଣ୍ଡା, ସଂଯୁକ୍ତା ମିଶ୍ର ପ୍ରମୁଖ ସୂଚନା ଦେଇଛନ୍ତି।

## ବୈଦିକର ବୃହତ ବିଜୟ

**ସମ୍ବଲପୁର, ୬।୨(ସମିସ):**ଓଡ଼ିଶା କ୍ରିକେଟ ଏସୋସେସନ (ଓ.ସି.ଏ) ଦ୍ୱାରା ସମ୍ବଲପୁର ଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ମ୍ୟାଚରେ ବୈଦିକ ଇଣ୍ଟରନେସନାଲ ସ୍କୁଲ ପାବପାଲି ବିକାଶ ଦ କନସେପ୍ଟ ସ୍କୁଲ ଶାସନ ଠାରୁ ବିଜୟ ଲାଭ କରିଛି।୩୫ ଓଭରର ଏ ମ୍ୟାଚରେ ବିକାଶ ସ୍କୁଲ ଟସ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲେ ମଧ୍ୟ ବୈଦିକ ସ୍କୁଲର ବୋଲର ମାନଙ୍କ ଆଗରେ ମାତ୍ର ୨୨.୧ ଓଭରରେ ୫୧ ରନ କରି ଅଲଆଉଟ ହୋଇଥିଲେ। ପ୍ରତିପକ୍ଷ ଦଳ ବୈଦିକ ସ୍କୁଲ ମାତ୍ର ୭.୧ ଓଭରରେ ନିର୍ଦ୍ଧାରିତ ରନ କରି ବିଜୟ ଲାଭ କରିଥିଲା। ବୈଦିକ ସ୍କୁଲ ପକ୍ଷରୁ ଐଶ୍ୱର୍ଯ୍ୟ ଇ କୁଜୁର ସର୍ବାଧିକ ୪ଟି ଓ ଏ ବିନୟ କେ ରେ‡ି ୩ ଟି ଉଇକେଟ ନେଇଥିଲେ ଯାହା ଦଳକୁ ଏକତରଫା ବିଜୟରେ ସହଯୋଗ କରିଥିଲା। ପ୍ରକାଶଥାଉ କି ବୈଦିକ ସ୍କୁଲ ଗତକାଲି ଗୁରୁନାନକ ପବ୍ଲିକ ସ୍କୁଲକୁ ୨୪୬ର ବଡ ବ୍ୟବଧାନରେ ପରାଜିତ କରିଥିଲା ଏବଂ ଅର୍ମାନ ବହିଦାର ୧୦୦ ବଲରେ ୧୬୫ ରନ କରିଥିଲେ। ସ୍କୁଲର ଏହି ଅପୂର୍ବ ସଫଳତା ପାଇଁ ଅନୁଷ୍ଠାନର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ, ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ, ଡିନ ପାର୍ଥ ମୁଖାର୍ଜୀ ଓ ସମସ୍ତ ଶିକ୍ଷକଶିକ୍ଷୟତ୍ରୀଗଣ ସମସ୍ତ ଖେଳାଳି ତଥା କୋଚଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ମ୍ୟାଚ ପାଇଁ ଶୁଭକାମନା ଜଣାଇଛନ୍ତି।



## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ କାର୍ଯ୍ୟକ୍ରମ



ସମ୍ବଲପୁର, ୬।୨(ସମିସ):ମାଝିପାଲିସ୍ଥିତ ସରକାରି ହୋମିଓପାଥି ଭେଷଜ ମହାବିଦ୍ୟାଳୟର ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ପ୍ରିନ୍ସିପାଲ ଡା. ଦିପ୍ତିକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ତା ସହିତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଏଥିରେ ଅଧ୍ୟାପକ ଅଧ୍ୟାପିକା ସହିତ କଲେଜର ଛାତ୍ରଛାତ୍ରୀ ଉପସ୍ଥିତ ରହି ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।

## ସମ୍ବଲପୁରୀ ଧନୁଯାତ୍ରା ପାଇଁ ଜିଲ୍ଲାପାଳଙ୍କୁ ସାକ୍ଷାତ

**ସମ୍ବଲପୁର, ୬।୨(ସମିସ):**ସମ୍ବଲପୁର ଯୋଗ ଦେଇଥିବା ନୂତନ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଆଜି ସମ୍ବଲପୁରୀ ଧନୁଯାତ୍ରା କମିଟି ସମ୍ବଲପୁରହ ସଦସ୍ୟମାନେ ସାକ୍ଷାତ କରିଛନ୍ତି। ସମ୍ବଲପୁରୀ ଧନୁଯାତ୍ରା ଚଳିତ ବର୍ଷ ପ୍ରଥମଥର ପାଇଁ ସମ୍ବଲପୁର ସହରରେ ଆୟୋଜନ ହେବ ସେନେଇ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରକାର ସହଯୋଗ କାମନା କରାଯାଇଥିଲା। ଏଥିରେ ସମ୍ବଲପୁରୀ ଧନୁଯାତ୍ରା କମିଟି ସମ୍ବଲପୁରର ସାଧାରଣ ସମ୍ପାଦକ ଗୁଣରଞ୍ଜନ ସାଲିମା, ସାଂସ୍କୃତିକ ସମ୍ପାଦକ ବବଲୁ ବାଗ, କୋଷାଧ୍ୟକ୍ଷ ନିଶିକାନ୍ତ ବିଶ୍ୱାଲ, ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ।



### ପାହାଁତିର ବାର୍ଷିକ ଉତ୍ସବ

# ସମ୍ମାନିତ ହେଲେ ବିଶିଷ୍ଟ ପ୍ରତିଭା

**ସମ୍ବଲପୁର, ୬।୨(ସମିସ)**

ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ଏବଂ ଘଟଣାକ୍ରମର ପ୍ରଚାର ପ୍ରସାର ପାଇଁ ଆରମ୍ଭ ହୋଇଥିବା ପାହାଁତି ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ଆଜି ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଛି। ଦେବୀପ୍ରସାଦ ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ବିଶିଷ୍ଟ ଡାକ୍ତର ତଥା ସାମାଜିକ କର୍ମୀ ଡ. ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ଡାକ୍ତର ତଥା ଲେଖକ ଡ. ରାମଚରଣ ପ୍ରଧାନ ସମ୍ମାନିତ ଅତିଥି ଏବଂ ସାମ୍ବାଦିକ ତଥା ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ ମୁଖ୍ୟ ବକ୍ତା ଭାବେ ସାମିଲ ହୋଇଥିଲେ। ପାହାଁତିର ସମ୍ପାଦକ ଆଲୋକ ସାହୁ ଅନୁଷ୍ଠାନର ଗୋଟିଏ ବର୍ଷର ଉପଲବ୍ଧୀ ବିଷୟରେ ସୂଚନା ଦେଇଥିଲେ। ବର୍ଷକ ଭିତରେ ଭାଷା ସାହିତ୍ୟ ସଂସ୍କୃତି, ସମାଜସେବା କ୍ଷେତ୍ରରେ ବିଶିଷ୍ଟ ଯୋଗଦାନ ଦେଇଥିବା ପ୍ରତିଭା ମାନଙ୍କୁ ସମ୍ମାନୀତ କରାଯାଇଥିଲା। ସମ୍ବଲପୁରୀ ଭାଷାର ପ୍ରକାଶନ ପାଇଁ



ସୋହେଲାର ବିକାଶ ଚନ୍ଦ୍ର ସାହୁଙ୍କୁ ପାହାଁତି ପ୍ରକାଶନ ସମ୍ମାନ, କାହ୍ନୁକେଶବ ବହିଦାରଙ୍କୁ ପାହାଁତି ଗାୟକ ସମ୍ମାନ, ଅଭିନେତା ସଦାନନ୍ଦ ସାହୁଙ୍କୁ ପାହାଁତି କଳା ସମ୍ମାନ, ରାମାଶିଷ ତ୍ରିପାଠୀଙ୍କୁ ପାହାଁତି ଉଦ୍‌ଘୋଷକ ସମ୍ମାନ, ନାଟ୍ୟମାନସ ରଞ୍ଜନ ମିଶ୍ରଙ୍କୁ ପାହାଁତି ନାଟ୍ୟ ସମ୍ମାନ, ମାନସ ଷଡଂଗୀଙ୍କୁ ପାହାଁତି ଗବେଷକ ସମ୍ମାନ, ବିଦ୍ୟାଧର କଣ୍ଟାଙ୍କୁ ପାହାଁତି ବାଦ୍ୟକାର ସମ୍ମାନ, ପ୍ରମୋଦ ଉର୍ମାଙ୍କୁ ପାହାଁତି ଗାୟକ ସମ୍ମାନ, ଡ ଶଙ୍କର ରାମଚନ୍ଦାନୀଙ୍କୁ ପାହାଁତି ସମାଜସେବୀ ସମ୍ମାନ ଏବଂ ଆରାଧ ସାହୁଙ୍କୁ ପାହାଁତି କୁନି ପ୍ରତିଭା ସମ୍ମାନ ପ୍ରଦାନ କରାଯାଇ ଥିଲା। ନୁଆପଡ଼ାରୁ ଦେବରାଜ ରଣା, ବଲାଙ୍ଗିରରୁ ସ୍ୱପ୍ନିକା ସାହୁ ଉପସ୍ଥିତ ଥିଲେ। ମାନସ ଷଡଙ୍ଗୀ, କାହ୍ନୁ କେଶବ ବହିଦାର, ପ୍ରମୋଦ ଉର୍ମା ସଙ୍ଗୀତ ପରିବେଷଣ କରିଥିବା ବେଳେ ସଦାନନ୍ଦ ସାହୁ ଏବଂ ଟଙ୍କଧର କଣ୍ଡେର ଅଭିନୟ କରି ମନୋରଞ୍ଜନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ପାହାଁତିର ପ୍ରୟାସକୁ ପ୍ରଶଂସା କରିଥିଲେ।କାର୍ଯ୍ୟକ୍ରମକୁ ଛନ୍ଦାମୟୀ ମିଶ୍ର ପରିଚାଳନା କରିଥିଲେ। ସଭାପତି ଦେବୀପ୍ରସାଦ ଭୋଇ ପ୍ରାରମ୍ଭରେ ଅତଥୀ ସ୍ୱାଗତ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ଆଲୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲେଡି ଲୁଇସ ସ୍କୁଲର ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

**ସମ୍ବଲପୁର, ୬।୨(ସମିସ):**ସମ୍ବଲପୁରସ୍ଥିତ ଲେଡି ଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହାଙ୍କ ତତ୍ତ୍ୱାବଧାନ ଉଦ୍‌ଯାପିତ ହୋଇଛି। ଧନକଉଡ ବ୍ଲକର ଆର.ପି.ମୀନାରାଣୀ ମଲ୍ଲିକ ଓ ସୁଷମା ସଗୀତା ତିର୍କୀ ୧୦୦ଜଣ ଛାତୀଙ୍କୁ ୧୫ଦିନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଆତ୍ମରକ୍ଷା ପ୍ରଶିକ୍ଷଣ ଦାୟିତ୍ୱରେ ଥିବା ସଂସ୍କୃତ ଶିକ୍ଷୟିତୀ ନିରୁପମା ଅଦାବର ସହଯୋଗ କରିଥିଲେ।

